**ସଂକ୍ଷେପରେ**

## ଚାରିନଙ୍ଗଳରୁ ବାଇକ୍ ଚୋରି

ଚଣ୍ଡିଖୋଲ,୨୯।୧୧(ପ୍ରଦୀପ୍ତ କୁମାର ପୃଷ୍ଟି)

ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ଚାରିନଙ୍ଗଳ ଗ୍ରାମରୁ ଗୁରୁବାର ରାତ୍ରିରେ ଏକ ପଲସର ବାଇକ୍ ଚୋରି ହୋଇଛି। ଚାରିନଙ୍ଗଳ (ବାଦାମ ମହଲା) ଗ୍ରାମର ଖବରଦାତା ସେକ ଇକବାଲ ହୋଷେନ ପ୍ରତିଦିନ ପରି ନିଜ ଘର ସମ୍ମୁଖରେ ତାଙ୍କ ବାଇକ୍ ରଖିଥିଲେ। ତାଙ୍କ ସ୍ତ୍ରୀ ରାତି ୧ ଟାରେ ବାହାରକୁ ଯାଇଥିବାବେଳେ ବାଇକ୍‌ଟି ଥିଲା। ମାତ୍ର ସକାଳେ ଉଠି ଦେଖିବା ବେଳକୁ ବାଇକ୍ ନ ଥିଲା। ଏନେଇ ସେ ବାଲିଚନ୍ଦ୍ରପୁର ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ନଂ.୪୧୫/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଅନ୍ୟପକ୍ଷରେ ବାଲିଚନ୍ଦ୍ରପୁର ଅଞ୍ଚଳରେ ବାରମ୍ବାର ଚୋରି ବୃଦ୍ଧି ପାଉଥିଲାବେଳେ ପୋଲିସର ନିଷ୍କ୍ରିୟତା ସନ୍ଦେହ ଘେରକୁ ଆସିଛି।

## କ୍ରିକେଟ ଟୁର୍ନାମେଣ୍ଟ: ମୂଳାପାଳ ଚାମ୍ପିୟନ

ପାଣିକୋଇଲି,୨୯।୧୧(ବିକାଶ ମଲ୍ଲିକ)

କୋରେଇ ବ୍ଲକ ଅନ୍ତର୍ଗତ ମୂଳାପାଳ ପଞ୍ଚାୟତର ମୂଳାପାଳ ବାବା ଲିଙ୍ଗେଶ୍ୱର କ୍ରିକେଟ କ୍ଲବ ଆନୁକୂଲ୍ୟରେ ଆୟୋଜିତ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମୂଳାପାଳ ବାବା ଲିଙ୍ଗେଶ୍ୱର କ୍ରିକେଟ କ୍ଲବ ଚାମ୍ପିୟନ ହୋଇଛି।ଫାଇନାଲ ମ୍ୟାଚ୍ ଲକ୍ଷ୍ମୀନାରାୟଣ କ୍ରିକେଟ କ୍ଲବ ମାଳଦା ଓ ବାବା ଲିଙ୍ଗେଶ୍ୱର କ୍ରିକେଟ କ୍ଲବ ମୂଳାପାଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମାଦଳା ଟସ ଜିଣି ବୋଲିଂ ନିଷ୍ପତ୍ତି ନେଇଥିଲା। ମୂଳାପାଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୪ ଉଇକେଟ ହରାଇ ୧୭୧ରନ ସଂଗ୍ରହ କରିଥିଲା। ଜବାବରେ ମାଳଦା ୭ ଉଇକେଟ ହରାଇ ମାତ୍ର ମାତ୍ର ୩୫ ରନ କରି ପରାଜୟ ବରଣ କରିଥିଲା। ଅମ୍ପାୟାରଭାବେ ଭରତ ଚନ୍ଦ୍ର ପାଳ ଓ ପ୍ରକାଶ ଦାସ ଖେଳ ପରିଚାଳନା କରିଥିଲେ। କ୍ରୀଡ଼ା ଶିକ୍ଷକ ବିଶ୍ୱନାଥ ମାଝୀ ଧାରାବିବରଣୀ ପ୍ରଦାନ କରିଥିଲେ। ମୂଳାପାଳ ଟିମର ଚନ୍ଦନ ଜେନାଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ଓ ମ୍ୟାନ୍ ଅଫ୍ ଦି ସିରିଜ ବିବେଚିତ କରାଯାଇଥିବାବେଳେ ଶ୍ରେଷ୍ଠ ଖେଳାଳିଭାବେ ହାପିଙ୍କୁ ବିବେଚନା କରାଯାଇଥିଲା। ଏହି ଅବସରରେ ଆୟୋଜିତ ସଭାରେ ଅତିଥିଭାବେ ଲିଙ୍ଗେଶ୍ୱର ଉନ୍ନୟନ କମିଟି ସମ୍ପାଦକ ଗୋଲକ ଚନ୍ଦ୍ର ମାଝୀ, ଅଶୋକ ସାହୁ, ସମିତି ସଭ୍ୟ ମଧୁସୂଦନ ନନ୍ଦୀ, ଆନନ୍ଦ ପାଳ ପ୍ରମୁଖ ଯୋଗଦେଇ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଚନ୍ଦ୍ରମଣି ପାଳ, ଶୁକଦେବ ପାଳ, ସମୀର କୁମାର ସାହୁ, ବଳରାମ ଜେନା, ରମାକାନ୍ତ ମାଝୀ, ଚନ୍ଦନ ଜେନା, ରାଜା ଜେନା, ବିଶ୍ୱଜିତ ମଲ୍ଲିକ, କୁମାରବର ସାହୁ, ପୀତବାସ ସାହୁ, ଅଭିଜିତ ସାହୁ, ରୋମିଓ ରଞ୍ଜନ ସାହୁ, ବିଶ୍ୱଜିତ ସାମଲ, ସୌମ୍ୟଜିତ ସାମଲ ପ୍ରମୁଖ ଖେଳ ପରିଚାଳନାରେ ସହଯୋଗ କରିଥିଲେ।

# ବ୍ୟାସନଗରକୁ ମିଳୁ ସବ୍‌ଡିଭିଜନ ମାନ୍ୟତା

**ବିଧାନସଭାରେ ଦାବିକଲେ ବିଧାୟକ ଆକାଶ ଦାସନାୟକ**

ଯାଜପୁର,୨୯।୧୧(ହର୍ଷବର୍ଦ୍ଧନ ବେହେରା)

ଯାଜପୁର ଜିଲାର ଭୌଗୋଳିକ ମାନଚିତ୍ରକୁ ଦେଖିଲେ ବିଛେଇ ହୋଇରହିଛି ପ୍ରମୁଖ ସରକାରୀ କାର୍ଯ୍ୟାଳୟ। ଜିଲା ଗଠନର ୩୦ ବର୍ଷ ପରେ ବି ଏଠାରେ ଗୋଟିଏ ଜିଲାକୁ ଯାଜପୁର ମାତ୍ର ଗୋଟିଏ ସବ୍‌ଡିଭିଜନ। ବିଭିନ୍ନ ଜନହିତକର ଯୋଜନାକୁ ସହଜ ଓ ସୁବିଧାରେ ଲୋକଙ୍କ ପାଖରେ ପହଞ୍ଚାଇବାକୁ ବିକେନ୍ଦ୍ରୀକରଣର ଆବଶ୍ୟକତା ରହିଛି ବୋଲି ସରକାର ଗୁରୁତ୍ୱାରୋପ କରୁଛନ୍ତି। ଏହି ଦୃଷ୍ଟିରୁ କୋରେଇ ବିଧାୟକ ଆକାଶ ଦାସନାୟକ ଶୁକ୍ରବାର ବିଧାନସଭାରେ କଳିଙ୍ଗନଗର ଶିଳ୍ପାଞ୍ଚଳର ମୁଖଶାଳା ଭାବେ ପରିଚିତ ବ୍ୟାସନଗର ପୌରାଞ୍ଚଳକୁ ସବ୍‌ଡିଭିଜନ ମାନ୍ୟତା ଦେବାକୁ ଦାବି କରିଛନ୍ତି। ସେ ବାଚସ୍ପତିଙ୍କ ଦୃଷ୍ଟିଆକର୍ଷଣ କରି କହିଛନ୍ତି, ଯାଜପୁର, ଭଦ୍ରକ, ଜଗତ୍‌ସିଂହପୁର, କେନ୍ଦ୍ରାପଡା, ଝାରସୁଗୁଡ଼ା ଜିଲାରେ କେବଳ ସଦର ମହକୁମାରେ ସବ୍‌ଡିଭିଜନ ପ୍ରତିଷ୍ଠା ହୋଇଛି। ଯାଜପୁର ଜିଲାର ବ୍ୟାସନଗରରେ ଏକ ସବ୍‌ଡିଭିଜନ ପ୍ରତିଷ୍ଠା ହେବାର ଆବଶ୍ୟକତା ରହିଛି। ଏଠାରେ ଏଡିଜେ କୋର୍ଟ ପ୍ରତିଷ୍ଠା ହୋଇସାରିଛି। ସବ୍‌ଡିଭିଜନ ପ୍ରତିଷ୍ଠା ହେଲେ କୋରେଇ ବିଧାନସଭା ନିର୍ବାଚନମଣ୍ଡଳୀର ବ୍ୟାସନଗର ପୌରପରିଷଦ ସମେତ କୋରେଇ, ରସୁଲପୁର, ଦାନଗଦି ଓ ସୁକିନ୍ଦା ବ୍ଲକର ଅଞ୍ଚଳବାସୀ ଉପକୃତ ହେବେ।

ସୂଚନାଯୋଗ୍ୟ, ରାଜ୍ୟରେ ଯେତେବେଳେ ୧୩ଟି ଜିଲା ଥିଲା, ପ୍ରଶାସନିକ ବିକେନ୍ଦ୍ରୀକରଣ ପାଇଁ ୮୦ ଦଶକରେ ତତ୍କାଳୀନ ରାଜ୍ୟ ସରକାର ନୂତନ ଜିଲା ଗଠନ ପାଇଁ ତଥ୍ୟ ସଂଗ୍ରହ କରିବାକୁ ଜଷ୍ଟିସ ନବକିଶୋର ଦାଶ କମିଶନ ଗଠନ କରିଥିଲେ। କମିଶନ ରାଜ୍ୟବ୍ୟାପୀ ଅନୁଧ୍ୟାନ କଲାପରେ କେବଳ ଅବିଭକ୍ତ କଟକ ଜିଲାକୁ ବିଭାଜନ କରି କେନ୍ଦ୍ରାପଡ଼ା ଓ ଯାଜପୁର ସବ୍‌ଡିଭିଜନକୁ ମିଶାଇ ଉତ୍ତରକଟକ ନାମରେ ଏକ ଜିଲା ଗଠନ କରିବାକୁ ସରକାରଙ୍କୁ ସୁପାରିସ କରିଥିଲେ। କମିଶନ ତାଙ୍କ ସୁପାରିସରେ ସ୍ପଷ୍ଟ ଉଲ୍ଲେଖ କରିଥିଲେ ଯେ, ଯାତାୟାତ ଦୃଷ୍ଟିରୁ କେନ୍ଦ୍ରାପଡ଼ା ଓ ଯାଜପୁରର ମଧ୍ୟସ୍ଥଳ ଚଣ୍ଡିଖୋଲଠାରେ ପ୍ରସ୍ତାବିତ ଉତ୍ତରକଟକ ଜିଲାର ସଦର ମହକୁମା କରାଯିବାର ଆବଶ୍ୟକତା ରହିଛି। ଏହି କମିଶନ



ସୁପାରିସକୁ ଅଣଦେଖା କରାଯାଇଥିଲା। ୧୯୯୩ରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ୧୩ରୁ ୩୦ ଜିଲା ଗଠନ କଲେ। ଯାଜପୁର ଓ କେନ୍ଦ୍ରାପଡ଼ା ପୃଥକ୍ ଭାବେ ଜିଲା ମାନ୍ୟତା ପାଇଲା। ଯାଜପୁରର ପାଣିକୋଇଲିଠାରେ ସଦର ମହକୁମା କରିବାକୁ ପ୍ରଥମେ ପ୍ରସ୍ତାବ ହୋଇଥିଲା। ପରେ ଯାଜପୁର ସବ୍‌ଡିଭିଜନ ସହରକୁ ଜିଲାର ସଦର ମହକୁମା କରାଗଲା। ଏହାପରେ ବ୍ୟାସନଗରକୁ ସବ୍‌ଡିଭିଜନ ମାନ୍ୟତା ଦାବି ହୋଇଆସୁଛି। ବିଭିନ୍ନ ସମୟରେ ଲୋକ ପ୍ରତିନିଧିମାନେ ଏହି ଦାବି ଉପରେ ସରକାରଙ୍କ ଦୃଷ୍ଟିଆକର୍ଷଣ କରାଯାଉଛି। ହେଲେ ୩୦ ବର୍ଷ ହେଲା ଏହି ଦାବିକୁ କେହି କର୍ଣ୍ଣପାତ କରୁନାହାନ୍ତି। ଏହିକ୍ରମରେ ବିଧାନସଭାରେ ବିଧାୟକ ଆକାଶଙ୍କ ଦାବିକୁ ଅଞ୍ଚଳବାସୀ ସ୍ୱାଗତ କରିଛନ୍ତି।

ପୂର୍ବରୁ ରାଜନୈତିକ ଓ ପ୍ରଶାସନିକସ୍ତରରେ ଅବହେଳା ସାଙ୍ଗକୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅନେକ ଯୋଜନା କାର୍ଯ୍ୟକାରୀ କରିବାରେ ପାତରଅନ୍ତର ନୀତି ବ୍ୟାସନଗର ସହରବାସୀଙ୍କୁ ଆନ୍ଦୋଳନମୁଖୀ କରିଛି। ଏହି ସହରର ସର୍ବାଙ୍ଗୀନ ବିକାଶ ପାଇଁ କେହି ଆନ୍ତରିକତା ଦେଖାଉ ନ ଥିଲେ। ବରଂ ୨୦ ବର୍ଷ ପଛକୁ ଠେଲି ଦେବାକୁ ବିଭିନ୍ନ ଉପାୟରେ ଉଦ୍ୟମ କରାଯାଉଥିଲା। ଏହାର ପ୍ରତିବାଦ କଲେ ବି କିଛି ସୁଫଳ ମିଳିପାରୁନାହିଁ। ପ୍ରଶାସନର ଏଭଳି ଆଭିମୁଖ୍ୟ ବ୍ୟାସନଗର ସମେତ ଆଖପାଖ ଅଞ୍ଚଳବାସୀଙ୍କ ମଧ୍ୟରେ ବିଦ୍ରୋହର ନିଆଁ ଜୁହୁଳିବାରେ ଲାଗିଛି । ଏହିକ୍ରମରେ ବିକାଶ କିମ୍ବା କଳିଙ୍ଗନଗର ନାମରେ ଏକ ସ୍ୱତନ୍ତ୍ର ଜିଲା ଗଠନ କରାଯାଉ ବୋଲି ପୂର୍ବରୁ ଟୁଇଟ୍ ଯୋଗେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟିଆକର୍ଷଣ କରାଯାଇଛି। ତେବେ ଏହା ସଫଳ ହୋଇ ନ ଥିଲେ ହେଁ ବ୍ୟାସନଗରକୁ ସବ୍‌ଡିଭିଜନ କରାଗଲେ ଲକ୍ଷାଧିକ ଲୋକ ଉପକୃତ ହୋଇ ପାରିବେ ବୋଲି ମତପ୍ରକାଶ ପାଇଛି।

## ଏସ୍‌ବିଆଇ ପକ୍ଷରୁ ଏସ୍‌ଏଚ୍‌ଜି ସମନ୍ୱୟ ମେଳା



ମେଳାରେ ଯୋଗଦେଇଥିବା ଅଧିକାରୀମାନେ।

ଦଶରଥପୁର,୨୯।୧୧ (ସୁଶାନ୍ତ କୁମାର ବେହୁରିଆ)

ଷ୍ଟେଟ୍ ବ୍ୟାଙ୍କ ଅଫ ଇଣ୍ଡିଆ (ଏସ୍‌ବିଆଇ) ମଙ୍ଗଳପୁର ଶାଖା ତରଫରୁ ଦଶରଥପୁର ବ୍ଲକ ଅଧୀନ ଥାଲକୁଡ଼ି ବିଜୁ କଲ୍ୟାଣ ମଣ୍ଡପଠାରେ ଏସ୍‌ଏଚ୍‌ଜି ସମନ୍ୱୟ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ରିଜିଓନାଲ ମ୍ୟାନେଜର କମଳ ଲୋଚନ ସାରଙ୍ଗ, ବ୍ରାଞ୍ଚ ମ୍ୟାନେଜର ଲକ୍ଷ୍ମୀଧର ସ୍ୱାଇଁ, ବିପିଏମ୍ ହିମାଂଶୁ ଶେଖର ଭଦ୍ର ଏବଂ ଅବସରପ୍ରାପ୍ତ ବ୍ଲକ ଶିକ୍ଷାଧିକାରୀ ଅନ୍ନଦା ପ୍ରସାଦ ରଣା ପ୍ରମୁଖ ଯୋଗଦେଇ ମହିଳାମାନେ ବ୍ୟାଙ୍କରୁ ଋଣ ନେଇ ଆତ୍ମନିର୍ଭରଶୀଳ ହେବାକୁ ପରାମର୍ଶ ଦେଇଥିଲେ। ବ୍ୟାଙ୍କ୍ ପକ୍ଷରୁ ୨୦୬ ଏସଏଚ୍‌ଜି ଗ୍ରୁପକୁ ଋଣ ପ୍ରଦାନ କରାଯାଇଥିଲା।

## ବିଦ୍ୟାଳୟ ପରିଦର୍ଶନ କଲେ ଜିଲାପାଳ



ଛତିଆ,୨୯।୧୧(ସୌମ୍ୟ ରଞ୍ଜନ ସାହୁ)

ଯାଜପୁର ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ ଶୁକ୍ରବାର ବଡ଼ଚଣା ବ୍ଲକ ଅନ୍ତର୍ଗତ ଛତିଆ ସରକାରୀ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରିଛନ୍ତି। ସେ ବିଦ୍ୟାଳୟର ବିଭିନ୍ନ ଶ୍ରେଣୀଗୃହ, ବିଦ୍ୟାଳୟ ପରିସରରେ ଥିବା ଅଙ୍ଗନୱାଡି କେନ୍ଦ୍ରର ରୋଷେଇ ଘର ଓ ଶୌଚାଳୟ ଆଦି ବୁଲି ଦେଖିବା ସହ ମଧ୍ୟାହ୍ନଭୋଜନର ତଦାରଖ କରିଛନ୍ତି। ଶିକ୍ଷା ବ୍ୟବସ୍ଥା ଉପରେ ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀଶିକ୍ଷକଙ୍କ ସହ ଆଲୋଚନା କରିଛନ୍ତି। ଉତ୍ତମ ଶିକ୍ଷା ଓ କ୍ରୀଡ଼ାର ବିକାଶ ପାଇଁ ବିଦ୍ୟାଳୟକୁ ଆହୁରି ଉନ୍ନତି ପଥରେ ଆଗେଇ ନେବାକୁ ସ୍ଥାନୀୟ ସରପଞ୍ଚ ରମେଶ ପୃଷ୍ଟି, ସମିତିସଭ୍ୟ ଦୀପକ ସାହୁ ଜିଲାପାଳଙ୍କୁ କହିଛନ୍ତି। ଜିଲାପାଳଙ୍କ ଏହି ପରିଦର୍ଶନ ସମୟରେ ଜିଲା ଶିକ୍ଷା ବିଭାଗ ଅଧିକାରୀ, ବ୍ଲକ ଶିକ୍ଷା ଅଧିକାରୀ, ବଡ଼ଚଣା ବିଡିଓ ରବୀନ୍ଦ୍ର ପ୍ରଧାନ ଓ ତହସିଲଦାର ମାନସ ରଞ୍ଜନ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ତମାଖୁ ମୁକ୍ତ ଶିକ୍ଷାନୁଷ୍ଠାନ ଗଠନ ଉପରେ ଗୁରୁତ୍ୱ



ତମାଖୁମୁକ୍ତ ଶିକ୍ଷାନୁଷ୍ଠାନ ଗଠନ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ଏବଂ ଛାତ୍ରୀଛାତ୍ର।

ରସୁଲପୁର,୨୯।୧୧(ରଂଜିତ ରାଉତ)

ବିଶ୍ୱରେ ମାର୍ଚ୍ଚ ୩୧କୁ ତମାଖୁକୁ ନା ଦିବସ ଭାବେ ପାଳନ କରାଯାଉଛି। ତେଣୁ ୩୧ ମାର୍ଚ୍ଚ, ୨୦୨୫ ପୂର୍ବରୁ ଶିକ୍ଷାନୁଷ୍ଠାନଗୁଡ଼ିକୁ ତମାଖୁ ମୁକ୍ତ କରିବା ପାଇଁ ଶିକ୍ଷା ଓ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମିଳିତ ପ୍ରୟାସ ଆରମ୍ଭ ହୋଇଛି। ବିଭିନ୍ନ ବିଦ୍ୟାଳୟରେ ସ୍ୱାସ୍ଥ୍ୟ ସମ୍ପର୍କିତ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ପ୍ରଥମଦଫାରେ ରସୁଲପୁର ବ୍ଲକର ୮ ଉଚ୍ଚ ବିଦ୍ୟାଳୟ ଓ ୨ କଲେଜକୁ ତମାଖୁମୁକ୍ତ ଶିକ୍ଷାନୁଷ୍ଠାନ ଗଠନ କରିବା ଉପରେ କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ରସୁଲପୁର ବ୍ଲକ ଅର୍ଥଗାଁ ପଞ୍ଚାୟତର ଉଦ୍ଧବ ଚରଣ ବିଦ୍ୟାପୀଠରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ତମାଖୁମୁକ୍ତ ଶିକ୍ଷାନୁଷ୍ଠାନ ଗଠନ ଉପରେ ଗୁରୁତ୍ୱାରୋପ କରାଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଡା. ବସନ୍ତ ପଣ୍ଡା ଯୋଗଦେଇ ବିଦ୍ୟାର୍ଥୀ ତମାଖୁ ସେବନରୁ ନିଜକୁ ଦୂରେଇ ରଖିବା ସହ ସମାଜକୁ ତମାଖୁମୁକ୍ତ କରିବା ପାଇଁ ବ୍ରତୀ ହେବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ବ୍ଲକ ସହ-ଶିକ୍ଷାଧିକାରୀ ପ୍ରଭଞ୍ଜନ ପତି, ପ୍ରଧାନଶିକ୍ଷକ ପ୍ରଦୀପ୍ତ କୁମାର ନାୟକ, ସହକାରୀ ଶିକ୍ଷକ ରମାକାନ୍ତ ସର, ଜନକପ୍ରିୟ ରାଉତ, ବ୍ରହ୍ମାନନ୍ଦ ପାଢ଼ୀ, ଶରତ ସାମଲ, ରବୀନ୍ଦ୍ର କୁମାର ରାଉତ ପ୍ରମୁଖ ଯୋଗଦେଇ ବିଦ୍ୟାଳୟରେ ତମାଖୁମୁକ୍ତ ପରିବେଶ ଗଠନ କରିବାକୁ ସଂକଳ୍ପ ନେଇଥିଲେ। ବିଦ୍ୟାର୍ଥୀଙ୍କୁ ନେଇ ତମାଖୁ ଓ ତା'ରକୁ ପ୍ରଭାବ ସମ୍ପର୍କିତ ବିଷୟବସ୍ତୁ ଉପରେ ଚିତ୍ରାଙ୍କନ, ବକ୍ତୃତା, କୁଇଜ୍ ଆଦି ପ୍ରତିଯୋଗିତା କରାଯାଇଥିଲା। କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଶିକ୍ଷାନୁଷ୍ଠନକୁ ତମାଖୁମୁକ୍ତ କରିବା ପାଇଁ ଏକ କମିଟି ଗଠନ କରାଯାଇଥିଲା। ବିଦ୍ୟାର୍ଥୀଙ୍କୁ ନେଇ ସ୍ଥାନୀୟ ଅଞ୍ଚଳରେ ଏକ ସଚେତନା ଶୋଭାଯାତ୍ରା ଗାଁ ପରିକ୍ରମା କରିଥିଲା। କର୍ମଚାରୀ ପଙ୍କଜ କୁମାର ମୁଦୁଲି ଧନ୍ୟବାଦ ଦେଇଥିଲେ।

## ଉତ୍ତରେଶ୍ୱରରେ ବାର୍ଷିକ ଉତ୍ସବ, ଗୀତାଯଜ୍ଞ

ଯାଜପୁର ସଦର,୨୯।୧୧ (ସମର ବିଜୟ ଶରଣ)

ଯାଜପୁର ବ୍ଲକ ଅନ୍ତର୍ଗତ ମାଳଆନନ୍ଦପୁର ପଞ୍ଚାୟତର ଉତ୍ତରେଶ୍ୱର ହରପାର୍ବତୀଙ୍କ ବାର୍ଷିକ ଉତ୍ସବ ଓ ଗୀତାଯଜ୍ଞ ଆରମ୍ଭ ହୋଇଛି। ଆସନ୍ତା ୧ ତାରିଖ ସନ୍ଧ୍ୟାରେ ଏହାର ପୂର୍ଣ୍ଣାହୁତି ହେବ। ଏହି ଉପଲକ୍ଷେ ଆୟୋଜିତ ମେଳାରେ ଆଖପାଖ ଅଞ୍ଚଳର ହଜାରହଜାର ଶ୍ରଦ୍ଧାଳୁ ଯୋଗଦେଇ ମନସ୍କାମନା ପୂରଣ ପାଇଁ ବୁଡ଼ ପକାନ୍ତି। ହରପାର୍ବତୀ ପୂଜା କମିଟିର ମୁଖ୍ୟ ପୂଜକ ଚିନ୍ତାମଣି ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପଣ୍ଡିତ ଶକ୍ତି ପ୍ରସାଦ ମିଶ୍ର, ସତ୍ୟବ୍ରତ ମିଶ୍ର, ସୁରେନ୍ଦ୍ର ପାଢ଼ୀ, ଉପେନ୍ଦ୍ର ପାଢ଼ୀ ପ୍ରମୁଖ ଯଜ୍ଞ କାର୍ଯ୍ୟ ସମ୍ପାଦନ କରୁଛନ୍ତି। କମିଟି ସଭାପତି କାର୍ତ୍ତିକ ଚନ୍ଦ୍ର ଜେନା, ସମ୍ପାଦକ ଅକ୍ଷୟ କୁମାର ମଲ୍ଲିକ, କୋଷାଧ୍ୟକ୍ଷ ସୁରେଶ ମହାପାତ୍ର, ରଞ୍ଜିତ ଜେନା, ସାଧୁଚରଣ ଜେନା, ନୃସିଂହ ଜେନା, ମଳୟ ଜେନା, ଅଜୟ ଜେନା, ମାଧବାନନ୍ଦ ଜେନା, ସଞ୍ଜୟ ଜେନା ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ମେଳାରେ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ସଦର ଥାନା ପକ୍ଷରୁ ବ୍ୟାପକ ପୋଲିସ ଫୋର୍ସ ବ୍ୟବସ୍ଥା କରାଯାଇଛି। ଆସନ୍ତା ୧ରୁ୪ ତାରିଖ ପର୍ଯ୍ୟନ୍ତ ଯାତ୍ରା ପରିବେଷଣ କରାଯିବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି।

## 'ଆମେବି ସକ୍ଷମ'ର ସାଧାରଣ ପରିଷଦ ସଭା


ଦିବ୍ୟାଙ୍ଗଙ୍କ ଗହଣରେ ମଞ୍ଚାସୀନ ଅତିଥି।

ଧର୍ମଶାଳା,୨୯।୧୧(ବାଟକୃଷ୍ଣ ପରିଡ଼ା)

ଧର୍ମଶାଳା ବ୍ଲକ କୁମାରୀ ପଞ୍ଚାୟତ ପଣ୍ଡୁଆସ୍ଥିତ ଦିବ୍ୟାଙ୍ଗ ସଂଗଠନ 'ଆମେବି ସକ୍ଷମ'ର ଏକ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ସାମାଜିକ କର୍ମୀ କାହ୍ନୁଚରଣ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସଂଗଠନର ଏକ ପରିଚାଳନା କମିଟି ଗଠନ କରାଯାଇଥିଲା। ଏଥିରେ ଉପଦେଷ୍ଟା ଭାବେ ଅବସରପ୍ରାପ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ବିଜୟ କୁମାର ଶତପଥୀଙ୍କୁ ମନୋନୟନ କରାଯାଇଥିଲା। ସର୍ବଶ୍ରୀ କାହ୍ନୁଚରଣ ଦାଶ, ଡାକ୍ତର କୈବଲ୍ୟ ମହାପାତ୍ର, ସୀତାକାନ୍ତ ସାମଲ, ସରୋଜ ସାହୁ, ଝୁନା ସାହୁ, ଉପେନ୍ଦ୍ର ରାଓ, ପ୍ରଶାନ୍ତ ବେହେରା ଓ ଦେବରାଜ ନାୟକ ପ୍ରମୁଖଙ୍କୁ ପରିଚାଳନା ସମିତି ସଦସ୍ୟ ଭାବେ ମନୋନୀତ କରାଯାଇଥିଲା। ସଦସ୍ୟ ଯୁଧିଷ୍ଠିର ନାୟକ ପ୍ରାରମ୍ଭିକ ସୂଚନା ଏବଂ ଅଖିଳ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

# ବାଲ୍ୟ ବିବାହମୁକ୍ତ ପାଇଁ ପ୍ରଶିକ୍ଷଣ

**ଶିଶୁ ଅଧିକାର ଓ ସୁରକ୍ଷା ସମ୍ପର୍କିତ କାର୍ଯ୍ୟକ୍ରମ**

କୋରେଇ,୨୯।୧୧(ଚନ୍ଦ୍ରକାନ୍ତ ପତି)

କୋରେଇ ବ୍ଲକ ଅନ୍ତର୍ଗତ ଶଙ୍ଖଚିଲାସ୍ଥିତ ସରକାରୀ ହିଙ୍ଗୁଳା ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ ଶିଶୁ ଅଧିକାରୀ ଓ ସୁରକ୍ଷା ସମ୍ପର୍କିତ ଅଭିମୁଖିକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସରକାରଙ୍କ ଦୀର୍ଘ ସ୍ଥାୟୀ ବିକାଶ ଲକ୍ଷ୍ୟ ଯୋଜନାରେ କୋରେଇ ବ୍ଲକର ବିଭିନ୍ନ ପଞ୍ଚାୟତ, ବିଭିନ୍ନ ଗାଁ କିପରି ଶିଶୁ ଶ୍ରମିକମୁକ୍ତ, ବାଲ୍ୟ ବିବାହମୁକ୍ତ ହେବାସହ ଶିଶୁ ଅନୁକୂଳ ପରିବେଶ ହେବ ତାହାକୁନେଇ ପ୍ରଶିକ୍ଷଣ ଦିଆଯାଇଛି।

ଜିଲା ଶିଶୁ ସୁରକ୍ଷା ବିଭାଗ ଓ ହ୍ୟୁମାନ ରାଇଟ ଫ୍ରଣ୍ଟ ଇଣ୍ଡିଆର ମିଳିତ ସହଯୋଗରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଡିଓ ଅବନିକାନ୍ତ ସାହୁ, ବ୍ଲକ ଶିକ୍ଷା ଅଧିକାରୀ ସୁଦର୍ଶନ ମଲ୍ଲିକ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କର, ବ୍ଲକ ଶିଶୁ ଅଧିକାରୀ, ଜାତୀୟ ମାନବାଧିକାର କମିଶନର କୋର ସଦସ୍ୟ ମନୋଜ ଜେନା, ଓଡ଼ିଶା ହ୍ୟୁମାନ ରାଇଟ ସଭାପତି ରାଜୀବ ପଟ୍ଟନାୟକ, ସଂଯୋଜକ ମନୀଷା ଦାସ ପଟ୍ଟନାୟକ, ହିଙ୍ଗୁଳା ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଅଭିଜିତ ବାରିକ, ମୋ ସ୍କୁଲ ଅଭିଯାନ ସଭାପତି ଦିଲୀପ ସାହୁ, କୋରେଇ ଉନ୍ନୟନ ପରିଷଦ ସଭାପତି ଶ୍ରୀଧର ଦାସ, ପୁରାତନ ଛାତ୍ର ସଂଘର ସମ୍ପାଦକ ବିନୋଦ ବିହାରୀ ସାହୁ, କୋଷାଧ୍ୟକ୍ଷ ରଘୁନାଥ ସାହୁ, ଜିଲା ହ୍ୟୁମାନ ରାଇଟ ସଂଯୋଜକ ନିରୁପମା ମଲ୍ଲିକ, ଗଣେଶ ଅହୁଲା, ଆଡଭୋକେଟ ସସ୍ମିତା ସାହୁ, ଶିକ୍ଷାବିତ ମଦନ ମୋହନ ବେହେରା, ସଙ୍ଗୀତଜ୍ଞ ବିକାଶ ମାଝୀ, ସାମାଜିକ କର୍ମୀ ଅକ୍ଷୟ ଜେନା, ପ୍ରସନ୍ନ ସ୍ୱାଇଁ, ଶିକ୍ଷାବିତ ସନ୍ତୋଷ କୁମାର ବେହେରା, ଜିଲା ଶିଶୁ କଲ୍ୟାଣ ବିଭାଗ ସଦସ୍ୟ ଓ ହ୍ୟୁମାନ ରାଇଟ ଫ୍ରଣ୍ଟର ସଦସ୍ୟମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଜିଲା ଶିଶୁ ଅଧିକାରୀ ଉଦ୍‌ଘାଟନ କରିଥିଲେ। ପରେ ମୁଖ୍ୟଅତିଥି ଅବାନିକାନ୍ତ ସାହୁ ଶିଶୁ କଲ୍ୟାଣ ନିମନ୍ତେ ଅଭିଭାଷଣ ରଖିଥିଲେ। ମୁଖ୍ୟବକ୍ତା ଶିଶୁ ସୁରକ୍ଷାର ବାସ୍ତବତା ଓ କିପରି ଏହାକୁ ତଳସ୍ତରରେ କାର୍ଯ୍ୟକାରୀ ହେବ ତାହା ବିସ୍ତୃତ ଭାବରେ ବର୍ଣ୍ଣନା କରିଥିଲେ। ଅନ୍ୟ ଅତିଥିମାନେ ଶିଶୁ ସୁରକ୍ଷା ସମ୍ପର୍କିତ ସୂଚନା ଦେବା ସହ ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ପାୱାର ପଏଣ୍ଟ ଜରିଆରେ ପ୍ରଦର୍ଶନ କରିଥିଲେ। ଅମିତ କୁମାର ନାୟକ, ମନୀଷା ଦାସ ପଟ୍ଟନାୟକ, ରାଜୀବ ପଟ୍ଟନାୟକ ପାୱାର ପଏଣ୍ଟ ଜରିଆରେ ବିଭିନ୍ନ ବିଷୟମାନ ଉପସ୍ଥାପନ ସ୍ୱରୂପ ପ୍ରଶିକ୍ଷଣ ଦେଇଥିଲେ। ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଅଙ୍ଗନୱାଡି ସୁପରଭାଇଜରମାନେ ଶିଶୁ ସୁରକ୍ଷା ପାଇଁ ସେମାନଙ୍କ କାର୍ଯ୍ୟକୁ ବର୍ଣ୍ଣନା କରିଥିଲେ। ମୋ ସ୍କୁଲ ଅଭିଯାନ ସଭାପତି ଦିଲୀପ ସାହୁ ଧନ୍ୟବାଦ ଦେଇଥିଲେ।



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ଏବଂ ଅନ୍ୟମାନେ।

# ଆଇଜିଏମ୍ ଡିଗ୍ରୀ ମହାବିଦ୍ୟାଳୟ ଚାମ୍ପିୟନ


ଅତିଥିଙ୍କ ଗହଣରେ ଖେଳାଳିମାନେ।

**ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ଆନ୍ତଃ କଲେଜ ଖୋଖୋ ଟୁର୍ନାମେଣ୍ଟ**

ଯାଜପୁରରୋଡ୍,୨୯।୧୧(ପବିତ୍ର ରଞ୍ଜନ ମହାନ୍ତି)

ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ପକ୍ଷରୁ ଅନୁଷ୍ଠିତ ଆନ୍ତଃ କଲେଜ ଖୋଖୋ ଟୁର୍ନାମେଣ୍ଟରେ ଇନ୍ଦିରା ଗାନ୍ଧୀ ମହିଳା(ଆଇଜିଏମ୍) ଡିଗ୍ରୀ ମହାବିଦ୍ୟାଳୟ ଯାଜପୁରରୋଡ ଚାମ୍ପିୟନ ହୋଇଛି। ବିଶ୍ୱବିଦ୍ୟାଳୟ ପକ୍ଷରୁ କେନ୍ଦ୍ରାପଡ଼ାର ତୁଳସୀ ମହିଳା ଡିଗ୍ରୀ ମହାବିଦ୍ୟାଳୟ ଖେଳପଡ଼ିଆରେ ଏହି ଦୁଇ ଦିନିଆ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଥିଲା। ଏଥିରେ ୮ଦଳ ଭାଗନେଇଥିଲେ। ଫାଇନାଲ ମ୍ୟାଚରେ ଆଇଜିଏମ ଡିଗ୍ରୀ ମହା ବିଦ୍ୟାଳୟ ୯ ପଏଣ୍ଟ ହାସଲ କରିଥିଲାବେଳେ ମାହାଙ୍ଗା ଡିଗ୍ରୀ ମହାବିଦ୍ୟାଳୟ ଖେଳ ଶେଷ ସୁଦ୍ଧ ମାତ୍ର ୩ ପଏଣ୍ଟ ହାସଲ କରିଥିଲା। ଫଳରେ ଆଇଜିଏମ୍ ମହାବିଦ୍ୟାଳୟ ୬ ପଏଣ୍ଟ ବ୍ୟବଧାନରେ ବିଜୟୀ ହୋଇଥିଲା। ଆଇଜିଏମ୍ ମହାବିଦ୍ୟାଳୟ କ୍ରୀଡ଼ା ଶିକ୍ଷକ ଅଶୋକ ଦାସଙ୍କ ତତ୍ତ୍ୱାବଧାନ ଓ ଛାତ୍ରୀ କ୍ୟାପଟେନ ଅନୁରାଧା ଦାସଙ୍କ ନେତୃତ୍ୱରେ ହରପ୍ରିୟା ରଣା, ପୂଜା ପ୍ରଧାନ, ସନ୍ଧ୍ୟାରାଣୀ ସାହୁ, ସରିତା ଦାସ, କାଜଲ ସାହୁ, ଯାଜ୍ଞସେନୀ ସାହୁ, ବର୍ଷାରଣୀ ପଣ୍ଡା, ଜ୍ୟୋତି ଜେନା, ଲଳିତା ମୁର୍ମୁ, ଅନିମା ହେମ୍ବ୍ରମ, ସୀତା ପଲେୟା ପ୍ରମୁଖ ଚିତ୍ତାକର୍ଷକ ଖେଳଖେଳି ଦଳକୁ ବିଜୟୀ କରାଇଥିଲେ।

ଟୁର୍ନାମେଣ୍ଟ ଉଦ୍‌ଯାପନୀ ଉତ୍ସବରେ ତୁଳସୀ ମହିଳା ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟକ୍ଷ ରଞ୍ଜିତ ରଞ୍ଜନ ସାହୁ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅପ୍ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଶ୍ରେଷ୍ଠ ଖେଳଳୀ ଭାବେ ଅନୁରାଧା ଦାସଙ୍କୁ ପୁରସ୍କାର ସହ ନଗଦ ଅର୍ଥ ରାଶି ପ୍ରଦାନ କରାଯାଇଥିଲା। ଇଷ୍ଟଜୋନ ବିଶ୍ୱବିଦ୍ୟାଳୟସ୍ତରୀୟ ଟୁର୍ନାମେଣ୍ଟ ପାଇଁ ରମାଦେବୀ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରତିନିଧିତ୍ୱ କରିବା ପାଇଁ ହରପ୍ରିୟା ରଣା, ଅନୁରାଧା ଦାସ ଓ ସରିତା ଦାସ ପ୍ରମୁଖ ୩ ଛାତ୍ରୀଙ୍କୁ ମନୋନୀତ କରାଯାଇଥିଲା। ଖେଳାଳିଙ୍କୁ ଛାତ୍ରୀଙ୍କ ପକ୍ଷରୁ ସହରର ଦଳା'ଛକରୁ ଶୋଭାଯାତ୍ରାରେ ନିଆଯିବା ପରେ ମହାବିଦ୍ୟାଳୟ ପରିସରରେ ବିଜୟ ଉତ୍ସବ ଅନୁଷ୍ଠିତ ହୋଇଥିଲା। ସମସ୍ତ ଅଧ୍ୟାପିକାଅଧ୍ୟାପକ ଓ କର୍ମଚାରୀ ଉପସ୍ଥିତ ରହି ବିଜୟୀ ଖେଳାଳିଙ୍କୁ ପୁଷ୍ପଗୁଚ୍ଛ ଦେଇ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ।

# ୧୮ ବର୍ଷରୁ କମ୍ ପିଲାଙ୍କ ଉନ୍ନତି ଉପରେ ଗୁରୁତ୍ୱ

**ଜଗତ୍‌ସିଂହପୁର, ୨୯।୧୧**
**(ପ୍ରମୋଦ କୁମାର ନାୟକ)**


ସଚେତନତା କାର୍ଯ୍ୟକ୍ରମରେ ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ।

- କିଶୋର ନ୍ୟାୟ ଆଇନ ସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମ
- ପୀଡିତାଙ୍କ ମାନସିକ ସ୍ଥିତିକୁ ଦେଖି ପରିଚୟ ଗୋପନ ରଖିବା ଆବଶ୍ୟକ
- କିଶୋର ଆପରାଧିକ ମନୋବୃତ୍ତିରୁ ନିବୃତ୍ତ ରହି ମୁଖ୍ୟସ୍ରୋତକୁ ଆସନ୍ତୁ

ଆଇନ ସହ ଦ୍ୱନ୍ଦ୍ୱରେ ଥିବା ୧୮ ବର୍ଷରୁ କମ୍ ବୟସର ପିଲାମାନଙ୍କ କ୍ଷେତ୍ରରେ ବେଷ୍ଟ ଇଣ୍ଟରେଷ୍ଟ ଅଫ୍ ଚାଇଲ୍ଡ ଅର୍ଥାତ୍ ସେମାନଙ୍କ ଉନ୍ନତି ପାଇଁ ସବୁଠୁ କ'ଣ କଲେ ଭଲ ହେବ ତା' ଉପରେ ପ୍ରାଧାନ୍ୟ ଦିଆଯିବା ଉଚିତ। ବଡ଼କଥା ହେଲା ପୀଡ଼ିତା ଅବା ପୀଡ଼ିତଙ୍କ ମାନସିକ ସ୍ଥିତିକୁ ଦୃଷ୍ଟିରେ ରଖି ସେମାନଙ୍କ ପରିଚୟ ମଧ୍ୟ ଗୋପନ ରଖାଯିବା ଆବଶ୍ୟକ। ବିଭିନ୍ନ କ୍ଷେତ୍ରରେ ଡାକ୍ତରୀମାଇନା, ବୟାନ ରେକର୍ଡ ଆଦି ସମୟରେ ପୀଡ଼ିତା କିଶୋରୀ ହୋଇଥିଲେ ମହିଳା ଡାକ୍ତର କିମ୍ବା ଅଧିକାରୀଙ୍କ ଉପସ୍ଥିତି ନିହାତି ଜରୁରୀ। ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହରେ କିଶୋର ନ୍ୟାୟ ଅଧିନିୟମ (୨୦୧୫), ଯୌନ ଶୋଷଣରୁ ଶିଶୁମାନଙ୍କ ସୁରକ୍ଷା ଅଧିନିୟମ ୨୦୧୨ ଏବଂ ଅନୈତିକ ଶିଶୁ ଚାଲାଣ ପ୍ରତିଷେଧ ଆଇନର ଉପଯୁକ୍ତ ବ୍ୟବହାର ଓ ବ୍ୟବସ୍ଥା ସମ୍ପର୍କରେ ଅନୁଷ୍ଠିତ ଦିନିକିଆ ସଚେତନତା କାର୍ଯ୍ୟକ୍ରମରେ ଯୋଗଦେଇ କଟକ ଶିଶୁ ମଙ୍ଗଳ ସମିତିର ଅଧ୍ୟକ୍ଷ ପ୍ରମୋଦ କୁମାର ଆଚାର୍ଯ୍ୟ ଏହା କହିଛନ୍ତି। ଏହି ଅବସରରେ ସେ କିଶୋର ନ୍ୟାୟ ଆଇନ ଅର୍ଥାତ୍ କେୟାର ଆଣ୍ଡ ପ୍ରୋଟେକ୍ସନ ଅଫ୍ ଚିଲ୍ଡ୍ରେନ୍ ଆଇନ ୨୦୧୫, ସ୍ୱତନ୍ତ୍ର କିଶୋର ନ୍ୟାୟ ପରିଷଦ କର୍ମକର୍ତ୍ତାଙ୍କର ଦାୟିତ୍ୱ, କିଶୋର ନ୍ୟାୟ ସମ୍ବନ୍ଧୀୟ ବିଭିନ୍ନ ତଥ୍ୟ, ପୋକ୍‌ସୋ ଆଇନ ୨୦୧୨ ଏବଂ ଓଡ଼ିଶା ଭିକ୍ଟିମ କମ୍ପେନ୍‌ସେସନ ଯୋଜନା ଇତ୍ୟାଦି ବିଷୟରେ ଆଚାର୍ଯ୍ୟ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଉପଜିଲାପାଳ ପ୍ରଶାନ୍ତ କୁମାର ତରାଇ ପୌରୋହିତ୍ୟ କରି କିଶୋରୀକିଶୋରଙ୍କ ଉନ୍ନତି ତଥା ସେମାନଙ୍କୁ ଆପରାଧିକ ମନୋବୃତ୍ତିରୁ ନିବୃତ୍ତ କରି ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ସମସ୍ତ ବିଭାଗୀୟ ଅଧିକାରୀ ଓ କର୍ମକର୍ତ୍ତାଙ୍କୁ ଉପଦେଶ ଦେଇଥିଲେ।

ଅନ୍ୟମାନଙ୍କ ମଧ୍ୟରେ ଏସ୍‌ପି ଭବାନୀ ଶଙ୍କର ଉଦ୍‌ଗାତା ପୋଲିସ ଓ ପ୍ରଶାସନର ମିଳିତ ସହଯୋଗରେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଜିଲା ଆଇନସେବା ପ୍ରାଧିକରଣ ସଚିବ ବି. ଡି. ଚନ୍ଦନା ମଧ୍ୟ ପୋଲିସ ବିଭାଗର ଗୁରୁଦାୟିତ୍ୱ ସମ୍ପର୍କରେ ବୁଝାଇଥିଲେ। କୌଣସି ମାମଲାକୁ ଫରୱାର୍ଡ କରିବା ସମୟରେ ଏଫ୍‌ଆଇଆର୍, ପୀଡ଼ିତାଙ୍କ ପରିଚୟ ପ୍ରମାଣ ପତ୍ରଗୁଡ଼ିକୁ ଠିକ୍ ଭାବେ ଯାଞ୍ଚକରି କୋର୍ଟକୁ ପଠାଇବାକୁ ସେ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଏଏସ୍‌ପି ସତ୍ୟବ୍ରତ ଦାସ, ଜଗତ୍‌ସିଂହପୁର ଏସ୍‌ଡିପିଓ ରଶ୍ମିରଞ୍ଜନ ସାହୁ, ଡିଏସ୍‌ପି (ଏସ୍‌ଜେପିୟୁ) ସରୋଜିନୀ ସିଂ ଓ ଜିଲା ସମାଜ ମଙ୍ଗଳ ଅଧିକାରୀ ବିଷ୍ଣୁପ୍ରିୟା ସେଠୀ ପ୍ରମୁଖ ସେମାନଙ୍କ ମତ ରଖିଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରୀ କାହ୍ନୁ ଚରଣ ରାଉତ ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ଓ ଜିଲା ଶିଶୁ ସୁରକ୍ଷା ୟୁନିଟ୍‌ର ଲିଗାଲ କମ୍ ପ୍ରୋବେସନ ଅଫିସର ଜଗନ୍ନାଥ ମିଶ୍ର ଧନ୍ୟବାଦ ଦେଇଥିଲେ। ଏହି ଆଲୋଚନାରେ କିଶୋର ନ୍ୟାୟ ପରିଷଦର ସଦସ୍ୟ, ଶିଶୁ ମଙ୍ଗଳ ସମିତିର ସଦସ୍ୟ, ଶିଶୁଯତ୍ନ ଅନୁଷ୍ଠାନର କର୍ମକର୍ତ୍ତା, ଶିଶୁ ମଙ୍ଗଳ ଅଧିକାରୀ, ସ୍ୱତନ୍ତ୍ର ପୋଲିସ ୟୁନିଟ୍‌ର କର୍ମକର୍ତ୍ତା, ସମସ୍ତ ଥାନାର ଏସ୍‌ଜେପିୟୁ ସଦସ୍ୟ, ପାରା ଲିଗାଲ ଭଲ୍ୟୁଣ୍ଟିଅର, ୱାନ୍ ଷ୍ଟପ୍ ସେଣ୍ଟର ଓ ଚାଇଲ୍ଡ ହେଲ୍ପ ଲାଇନର କର୍ମକର୍ତ୍ତା ପ୍ରମୁଖ ସକ୍ରିୟ ଅଂଶଗ୍ରହଣ କରିଥିଲେ।

# ଜମି ବିବାଦ, ଶାଳୀ ଘର ଆଗରେ ତାରବାଡ଼ ବୁଲାଇଲେ ଭିଣୋଇ

**ମହାକାଳପଡ଼ା, ୨୯।୧୧ (ପ୍ରତାପ ଚନ୍ଦ୍ର ସ୍ୱାଇଁ)**

ଜମି ବିବାଦକୁ କେନ୍ଦ୍ର କରି ଭିଣୋଇ ଶାଳୀଙ୍କ ଘର ଆଗରେ ତାର ବାଡ଼ ବୁଲାଇବା ଘଟଣା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି। ଫଳରେ ଶାଳୀଙ୍କ ପରିବାର ସଦସ୍ୟମାନେ ୩ ତିନି ଦିନ ହେବ ପଦାକୁ ବାହାରି ପାରୁନାହାନ୍ତି । ଘରେ ରୋଷେଇ ବନ୍ଦ ଥିବା ବେଳେ ପିଲାମାନେ ସ୍କୁଲ, କଲେଜକୁ ଯାଇପାରୁ ନ ଥିବା ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ମହାକାଳାପଡ଼ା ବ୍ଲକ ରାମନଗର ପଞ୍ଚାୟତ ପିତାପାଟ ଗ୍ରାମ ପଶ୍ଚିମପଡ଼ାରେ ପ୍ରଭାସ ଗାୟନ ଓ ତାଙ୍କ ପଡ଼ୋଶୀ ବିଷ୍ଣୁପଦ ବୈଦ ଦୁଇ ଶଢୁ । ଭିଣେଇ ବିଷ୍ଣୁପଦଙ୍କଠାରୁ ଶାଳୀ ପରିବାର ଅର୍ଥାତ୍ ପ୍ରଭାସ ଗାୟନ ୨୮ ବର୍ଷ ପୂର୍ବେ ୧୭ ଡେସିମିଲ ଜମି କିଣି ଥିଲେ। ସେହି ଜମିରେ ପ୍ରଭାସଙ୍କ ପରିବାର ଲୋକମାନେ ଗୁହାଳ ଓ ରୋଷେଇ ଘର ନିର୍ମାଣ କରି ଚଳାଚଳ କରୁଥିଲେ। ସେହି ରାସ୍ତା ଦେଇ ପ୍ରଭାସଙ୍କ ପରିବାର ସଦସ୍ୟମାନେ ଯାତାୟତ କରୁଥିଲେ। ହେଲେ ୩ ଦିନ ତଳେ ଭିଣେଇ ବିଷ୍ଣୁପଦ ଉକ୍ତ ଜମିରେ ଥିବା ଗୁହାଳ ଓ ରୋଷେଇ ଘରକୁ ପୋଲିସ ଉପସ୍ଥିତିରେ ଭାଙ୍ଗି ଖୁଣ୍ଟ ପୋତି ତାରବାଡ଼ ବୁଲାଇ ଦେଇଥିଲେ। ଏପରି କି ଯାତାୟତ ରାସ୍ତାକୁ ତାରବାଡ଼ ଦେଇ ବନ୍ଦ କରି ଦେଇଥିଲେ। ଫଳରେ ପ୍ରଭାସଙ୍କ ପରିବାର ଘରେ ବନ୍ଦୀ ଅବସ୍ଥାରେ ରହିଛନ୍ତି। ଏ ନେଇ ପୀଡ଼ିତଙ୍କ ପରିବାର ଜମ୍ବୁ ସାମୁଦ୍ରିକ ଥାନାରେ ଅଭିଯୋଗ କରିଛନ୍ତି। ହେଲେ ଅଦ୍ୟାବଧି ସମସ୍ୟାର କୌଣସି ସମାଧାନ ହୋଇନାହିଁ। ତୁରନ୍ତ ଏହି ବିବାଦର ସମାଧାନ କରିବାକୁ ଦାବି ହୋଇଛି।


ତାରବାଡ଼ ଘେରରେ ପ୍ରଭାସଙ୍କ ପରିବାର।

# ଡିସେମ୍ବର ୨ରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ରିଟେଲରଙ୍କ ଧାରଣା

**ଡେରାବିଶ, ୨୯।୧୧**
**(ବେବର୍ତ୍ତା ଅଜୟ ଦାସ)**

ଦୀର୍ଘ ମାସର ବକେୟା ପାଉଣା ପ୍ରଦାନ, ସାମଗ୍ରୀ ପରିବହନ ଗାଡ଼ିରେ ଜିପିଏସ୍ ବ୍ୟବସ୍ଥା କରିବା, ଖାଉଟିମାନଙ୍କ ସାମଗ୍ରୀ ବାଟମାରଣା ବ୍ୟବସ୍ଥାରେ ରୋକ୍ ଲଗାଇ ରିଟେଲରମାନଙ୍କୁ ପରିବହନ ଠିକାଦାରଙ୍କ ଶୋଷଣରୁ ବଞ୍ଚାଇବା ଓ ସାମଗ୍ରୀ ବଣ୍ଟନ ପ୍ରକ୍ରିୟାକୁ ସରଳୀକରଣ କରିବା ଦାବି ନେଇ ରାଜ୍ୟ ରିଟେଲର ସଂଘ ଆସନ୍ତା ଡିସେମ୍ବର ୨ରୁ ଆନ୍ଦୋଳନକୁ ଓହ୍ଲାଉଛି। ଏହି ଆହ୍ୱାନ କ୍ରମେ କେନ୍ଦ୍ରାପଡ଼ା ଜିଲା ରିଟେଲର ସଂଘ ପକ୍ଷରୁ ଆସନ୍ତା ଡିସେମ୍ବର ୨ତାରିଖରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ ବୋଲି ଜିଲା ସଂଘ ସମ୍ପାଦକ ତପନ କୁମାର ମହାନ୍ତି ଶୁକ୍ରବାର ଡେରାବିଶ ବ୍ଲକ ଅଧୀନ ପଞ୍ଚୁପାଣ୍ଡବଠାରେ ଖବରଦାତାଙ୍କୁ ସୂଚନା ଦେଇଛନ୍ତି। ଏନେଇ ସଂଘ ପକ୍ଷରୁ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ଦିଆଯାଇଛି।

ସୂଚନା ଅନୁଯାୟୀ, ମହାମାରୀ କରୋନା ସମୟରେ ସରକାରୀ ଖୁଚୁରା ବିକ୍ରେତାମାନେ ନିଜ ଜୀବନକୁ ବିପନ୍ନ କରି ସରକାରୀ ନିର୍ଦ୍ଦେଶ କ୍ରମେ କେନ୍ଦ୍ରର ଖାଦ୍ୟ ସୁରକ୍ଷା ଆଇନ ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ଖାଉଟିମାନଙ୍କୁ ନିର୍ଦ୍ଧାରିତ ସମୟରେ ସୁଚାରୁ ରୁପେ ଖାଦ୍ୟ ସାମଗ୍ରୀ ବଣ୍ଟନ କରି ଆସୁଛନ୍ତି। ପାଉଣା ପାଉ ନ ଥିଲେ ସୁଦ୍ଧା ଖୁଚୁରା ବିକ୍ରେତାମାନେ ନିଜ ହାତରୁ ଖର୍ଚ୍ଚ କରି ଖାଦ୍ୟ ସାମାଗ୍ରୀ ପ୍ରତିମାସରେ ବଣ୍ଟନ କରୁଛନ୍ତି। ହେଲେ ସରକାର ଖାଉଟିମାନଙ୍କୁ ବଣ୍ଟନ କରାଯାଇଥିବା ରାଶନ ସାମଗ୍ରୀ ବାବଦରେ କରୋନା କାଳର ୬ମାସର ପାରିଶ୍ରମିକ ସହ ୨୦୨୩ ଜନୁଆରୀ, ଫେବୃଆରୀ ଓ ମାର୍ଚ୍ଚ ମାସ ଏବଂ ୨୦୨୪ ମସିହା ଜାନୁଆରୀ ମାସ ଠାରୁ ଜୁନ ମାସ ପର୍ଯ୍ୟନ୍ତ ଅଧା ପାରିଶ୍ରମିକ ଏବଂ ଜୁଲାଇ ମାସଠାରୁ ସେପଟେମ୍ବର ମାସ ପର୍ଯ୍ୟନ୍ତ ସମସ୍ତ ପାରିଶ୍ରମିକ ସହ ବର୍ତ୍ତମାନ ବଣ୍ଟନ ହେଉଥିବା ସାମଗ୍ରୀ ଅକ୍ଟୋବର ମାସଠାରୁ ଡିସେମ୍ବର ଯାଏ ଖାଦ୍ୟ ସାମଗ୍ରୀର ସମସ୍ତ ପାରିଶ୍ରମିକ ଖୁଚୁରା ରିଟେଲରମାନଙ୍କୁ ଦେଇ ନାହାନ୍ତି। ଗତ ଅକ୍ଟୋବର ୨୦ରେ କଟକ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଜିଲାସ୍ତରୀୟ ବଣ୍ଟନ ବ୍ୟବସ୍ଥା ସମୀକ୍ଷା ବୈଠକରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଯୋଗଦେଇ କରୋନା ମହାମାରୀ ସମୟର ବକେୟା ଥିବା ପାଉଣା ଅକ୍ଟୋବର ମାସ ୨୭ ତାରିଖ ସୁଦ୍ଧା ପ୍ରଦାନ କରାଯିବ ବୋଲି ଘୋଷଣା କରିଥିଲେ। ମାତ୍ର ଏକ ମାସ ବିତି ସାରିଥିଲେ ମଧ୍ୟ ରିଟେଲରମାନଙ୍କୁ ସେମାନଙ୍କ ବକେୟା ଅର୍ଥ ଦିଆଯାଇ ନ ଥିବାରୁ ସେମାନଙ୍କ ମଧ୍ୟରେ ହତାଶାଭାବ ଦେଖାଦେଇଛି। ତେଣୁ ଏହି ବ୍ୟବସ୍ଥାର ପରିବର୍ତ୍ତନ ପାଇଁ ରିଟେଲର ସଂଘ ଦାବି କରିଛି। ଦାବି ପୂରଣ ପାଇଁ ଡେରାବିଶ ବ୍ଲକ ଅଞ୍ଚଳର ସମସ୍ତ ଖୁଚୁରା ବିକ୍ରେତା ଆସନ୍ତା ଡିସେମ୍ବର ୨ରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣ ଦେବେ। ଏଥିସହିତ ଆଗାମୀ ୩ତାରିଖରୁ ରାଜ୍ୟର କାର୍ଯ୍ୟରତ ଖୁଚୁରା ବିକ୍ରେତାମାନେ ପରିବହନ ଠିକାଦାରଙ୍କଠାରୁ କୌଣସି ସାମଗ୍ରୀ ଗ୍ରହଣ କରିବେ ନାହିଁ ବୋଲି ଜିଲା ସଂଘ ସମ୍ପାଦକ ମହାନ୍ତି ସୂଚନା ଦେଇଛନ୍ତି।

# ଜାତୀୟ ଖେଳରେ ଭାଗ ନେବାକୁ ୧୯ ଛାତ୍ରୀଛାତ୍ର ଦିଲ୍ଲୀ ଗଲେ


ପାରାଦୀପ ପିପିଏଲ ଡିଏଭି ସ୍କୁଲର ୧୯ ଜଣ ଛାତ୍ରୀଛାତ୍ର, ୨ ପ୍ରଶିକ୍ଷକଙ୍କୁ ଦିଲ୍ଲୀ ଯିବା ପୂର୍ବରୁ ଶୁଭେଚ୍ଛା ଜଣାଯାଉଛି।

**ପାରାଦୀପ, ୨୯।୧୧ (ଶରତ ରାଉତ)**

ପାରାଦୀପ ପିପିଏଲ ଡିଏଭି ସ୍କୁଲର ୧୯ଜଣ ଛାତ୍ରୀଛାତ୍ର ଓ ୨ଜଣ ପ୍ରଶିକ୍ଷକ ଶୁକ୍ରବାର ଦିଲ୍ଲୀ ଗସ୍ତ କରିଛନ୍ତି। ପ୍ରଥମ କରି ଏହି ଛାତ୍ରୀଛାତ୍ରମାନେ ଜାତୀୟସ୍ତରରେ ଖେଳିବେ। ସେମାନଙ୍କୁ ପିପିଏଲ କମ୍ପାନୀ ସମସ୍ତ ପ୍ରକାର ସହାୟତା ଯୋଗାଇ ଦେଇଛନ୍ତି। ଛାତ୍ରୀଛାତ୍ରଙ୍କ ସଫଳତା ପାଇଁ ପିପିଏଲ ମୁଖ୍ୟ ପାଲାନୀସାମି ଭେଲୁସ୍ୱାମୀ, ମାନବ ସମ୍ବଳ ଅଧିକାରୀ ସୁମିତ କୁମାର ସେନାପତି, ସ୍କୁଲ ଅଧ୍ୟକ୍ଷ ସଞ୍ଜୀବ କୁମାର ସାହୁ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି। ଦିଲ୍ଲୀଠାରେ ଭାରତୀୟ ବିଦ୍ୟାଳୟ କ୍ରୀଡ଼ା ସଂଘ ଓ ଜାତୀୟ ଡିଏଭି କ୍ରୀଡା ଦ୍ୱାରା ଜାତୀୟ କ୍ରୀଡ଼ା ସମାରୋହ ଆସନ୍ତା ଡିସେମ୍ବର ୨ରୁ ୪ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ସେହି କ୍ରୀଡ଼ାରେ ଏହି ଖେଳାଳିମାନେ ଭାଗ ନେବେ ବୋଲି ପ୍ରଶିକ୍ଷକ ଶାଶ୍ୱତ କୁମାର ଭାରତୀୟ ସୂଚନା ଦେଇଛନ୍ତି। ୧୭ ବର୍ଷରୁ କମ୍ ହକିରେ ୧୪ ଜଣ, ୮୦୦ ମିଟର ଦୌଡରେ ଜଣେ, ଟାଏକୋଣ୍ଡୋରେ ଦୁଇ ଜଣ, କରାଟେରେ ଜଣେ ଓ ଭଲିବଲ ପାଇଁ ଜଣେ ଯୋଗ୍ୟତା ହାସଲ କରିଛନ୍ତି। ପାରାଦୀପ ଡିଏଭି ପରିସରରେ ତୃଣମୂଳସ୍ତରୀୟ ହକି ଷ୍ଟାଡିୟମ କରାଯାଇଛି। ଯାହାଦ୍ୱାରା ସେଠାରେ ପିଲାମାନେ ପ୍ରଶିକ୍ଷଣ ନେବା ପରେ ସେମାନଙ୍କ ଦକ୍ଷତା ବୃଦ୍ଧି ପାଇଛି। ସେଥିରୁ ୧୪ ଜଣ ଖେଳାଳି ଜାତୀୟସ୍ତରରେ ଚୟନ ହେବା ଓଡ଼ିଶାର ପ୍ରଥମ ଘଟଣା ବୋଲି ପ୍ରଶିକ୍ଷକ ମମତାର କିଣ୍ଡୋ ସୂଚନା ଦେଇଛନ୍ତି।

# ଯାତ୍ରା ମହାସଂଘର ଜିଲା କମିଟି ଗଠନ

**କେନ୍ଦ୍ରାପଡ଼ା, ୨୯।୧୧ (ଜଗନ୍ନାଥ ଧଳ)**

ଓଡ଼ିଶା ଯାତ୍ରା କମିଟି ମହାସଂଘର କେନ୍ଦ୍ରାପଡା ଜିଲା କମିଟି ଗଠନ ହୋଇଛି। ନାରାୟଣ ସାହୁଙ୍କୁ ଜିଲା ସଭାପତି ଭାବେ ମନୋନୟନ କରାଯାଇଛି। ସେହିପରି କାର୍ଯ୍ୟକାରୀ ସଭାପତି ଚନ୍ଦ୍ରକାନ୍ତ ପଟ୍ଟନାୟକ, ସମ୍ପାଦକ ମହେନ୍ଦ୍ର କୁମାର ମହାପାତ୍ର, ସହସମ୍ପାଦକ ନିରଞ୍ଜନ ନାୟକ, ସଂଯୋଜକ ବରଦା ପ୍ରସନ୍ନ ପତି, ସହ ସଂଯୋଜକ ଭାଗବତ ମୁଦୁଲି ଓ କୋଷାଧ୍ୟକ୍ଷ ଭାବେ ଜିତେନ୍ଦ୍ର କୁମାର ଜେନାଙ୍କୁ ପଦଭାର ପ୍ରଦାନ କରାଯାଇଛି। ଏଥିସହିତ ଉପଦେଷ୍ଟା କମିଟି ଅଧ୍ୟକ୍ଷ ପ୍ରଦୀପ୍ତ କୁମାର ଲେଙ୍କା, ହେମନ୍ତ କୁମାର ବିଶ୍ୱାଳ, ପ୍ରଶାନ୍ତ ମଲିକ ଓ ମିଡ଼ିଆ ସେଲ୍ ଅଧ୍ୟକ୍ଷ ଭାବେ ଦୈତାରୀ ଜେନାଙ୍କୁ ଚୟନ କରାଯାଇଛି। ମାର୍ଶାଘାଇ ବ୍ଲକ ମା' ଗୋଜବାୟାଣୀ ପୀଠ ପରିସରରେ ଏଥିପାଇଁ ଆୟୋଜିତ ବୈଠକରେ ରାଜ୍ୟ ସମ୍ପାଦକ ଅଧ୍ୟକ୍ଷତା କରିଥିଲେ। ଜିଲା ସଭାପତି ସାହୁ ଏ ସମ୍ପର୍କରେ କହିଛନ୍ତି, ସମ୍ପ୍ରତି ଯାତ୍ରା ସଂସ୍କୃତି ବୁଡ଼ି ଯିବାକୁ ବସିଛି। ଅପସଂସ୍କୃତି ଏଥିରେ ଧସେଇ ପଶି ଆସୁଛି। କଳା ସଂସ୍କୃତିକୁ ବଞ୍ଚାଇ ରଖିବା ପାଇଁ ମହାସଂଘ ସର୍ବଦା କାର୍ଯ୍ୟ କରି ଆସିଛି। ଏହାର ଶ୍ରୀବୃଦ୍ଧି ପାଇଁ ଜିଲା ସଙ୍ଗଠନ କାର୍ଯ୍ୟ କରିବ ବୋଲି ସଭାପତି ସାହୁ କହିଛନ୍ତି।


କେନ୍ଦ୍ରାପଡ଼ା ଜିଲା ଯାତ୍ରା କମିଟିର ସଦସ୍ୟମାନେ।

# ଏଏମ୍‌ଏନ୍‌ଏସ୍ ପକ୍ଷରୁ ଚାଷୀଙ୍କୁ କୀଟନାଶକ ସ୍ପ୍ରେ ମେଶିନ ବଣ୍ଟନ

**ପାରାଦୀପ, ୨୯।୧୧ (ଶରତ ରାଉତ)**

ପାରାଦୀପ ଏଏମ୍‌ଏନ୍‌ଏସ୍ (ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲ) କମ୍ପାନୀ ଶୁକ୍ରବାର ନୂଆଗଡ଼ଠାରେ ଚାଷୀଙ୍କୁ କୀଟନାଶକ ସ୍ପ୍ରେ ମେଶିନ ବଣ୍ଟନ କରିଛି। କୁଜଙ୍ଗ ବ୍ଲକର ୩ଟି ପଞ୍ଚାୟତ ୧୨ଟି ଗାଁର ୧୨୪ଜଣ ଚାଷୀଙ୍କୁ ୧୬ ଲିଟର ବିଶିଷ୍ଟ ସ୍ପ୍ରେ ମେଶିନ ଦିଆଯାଇଛି। ସେମାନେ ଚାଷ ସମୟରେ ଏହାକୁ ବ୍ୟବହାର କରିପାରିବେ। ନୂଆଗଡ଼ ସରପଞ୍ଚ ଦେବେନ୍ଦ୍ର ରାଉତ ଓ କମ୍ପାନୀ ଅଧିକାରୀମାନେ ଏହି ସ୍ପ୍ରେ ମେଶିନ ବଣ୍ଟନ କରିଥିଲେ।


ନୂଆଗଡ଼ ଗାଁର ଚାଷୀମାନଙ୍କୁ ଚାଷ ଜମିରେ କୀଟନାଶକ ସ୍ପ୍ରେ ଲାଗି ମେଶିନ ବଣ୍ଟାଯାଉଛି।

# ବିଜ୍ଞାନ ମେଳାରେ ମହୁମାଛି ଆକ୍ରମଣ, ୨୦ ଆହତ

**ପଟ୍ଟାମୁଣ୍ଡାଇ, ୨୯।୧୧ (କଳ୍ପତରୁ ନାୟକ)**

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ମଣ୍ଡଳ କଷଣଅଣ୍ଡାସ୍ଥିତ ପଞ୍ଚାୟତ ହାଇସ୍କୁଲ ପଡ଼ିଆରେ ଶୁକ୍ରବାର ବିଜ୍ଞାନମେଳା ଆୟୋଜନ କରାଯାଇଥିଲା। ହେଲେ ଏହି ମେଳାରେ ମହୁମାଛି ଆକ୍ରମଣ ଯୋଗୁ ୨୦ ଛାତ୍ରୀଛାତ୍ର ଓ ଅଭିଭାବକ ଆହତ ହୋଇଛନ୍ତି। ଆହତମାନଙ୍କୁ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, ପଟ୍ଟାମୁଣ୍ଡାଇ ସହରକୁ ଲାଗି ଏମ୍‌ଏନ୍ ହାଇସ୍କୁଲ ପଡ଼ିଆ ଥିଲେ ମଧ୍ୟ ବ୍ଲକ ଶିକ୍ଷାଧିକାରୀ ସେଠାରୁ ୩ କିମି ଦୂର କଷଣଅଣ୍ଡା ପଞ୍ଚାୟତ ହାଇସ୍କୁଲ ପଡ଼ିଆରେ ବିଜ୍ଞାନମେଳା ଆୟୋଜନ କରିଥିଲେ। ବିଜ୍ଞାନମେଳାର ଅଳ୍ପଦୂରରେ ବହୁ ଲତାଗଛ ରହିଛି। ଅପରାହ୍ନ ପ୍ରାୟ ୨ଟା ପରେ ହଠାତ୍ ମହୁମାଛିଗୁଡ଼ିକ ସେହି ଅଞ୍ଚଳକୁ ଉଡ଼ିଆସିଥିଲେ। ଏହାପରେ ସେମାନେ ଛାତ୍ରୀଛାତ୍ର ଓ ଅଭିଭାବକମାନଙ୍କୁ ଆକ୍ରମଣ କରିଥିଲେ। ସମସ୍ତେ ଜୀବନ ବିକଳରେ ଏଣେତେଣେ ଦୌଡ଼ିଥିଲେ। କିଛି ସମୟ ଭିତରେ ମେଳା ପରିସର ଖାଲି ହୋଇଯାଇଥିଲା। ପରେ ଆହତମାନଙ୍କୁ ପଟ୍ଟାମୁଣ୍ଡାଇ ଉପଖଣ୍ଡସ୍ତରୀୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଏହି ବିଜ୍ଞାନ ମେଳାରେ ବ୍ଲକସ୍ତରରୁ ୪୧ ହାଇସ୍କୁଲର ଛାତ୍ରୀଛାତ୍ର ଭାଗନେଇଥିଲେ। ଉଦ୍‌ଘାଟନୀ ଉତ୍ସବ ପରେ ବିଭିନ୍ନ ସ୍କୁଲର ଶତାଧିକ ଛାତ୍ରୀଛାତ୍ର ବିଜ୍ଞାନମେଳା ଦେଖିବାକୁ ସେଠାକୁ ଆସିଥିଲେ।

# ସିଡବ୍ଲ୍ୟୁସି ପକ୍ଷରୁ ଅସହାୟ ଶ୍ରାବଣୀଙ୍କୁ ସହାୟତା

## ୧୮ ବର୍ଷ ବୟସ ପର୍ଯ୍ୟନ୍ତ ମାସିକ ମିଳିବ ୪ ହଜାର ଟଙ୍କା

**ରାଜକନିକା, ୨୯।୧୧**
**(ସଞ୍ଜୟ କୁମାର ଦାଶ)**

କେନ୍ଦ୍ରାପଡ଼ା ଜିଲା ରାଜକନିକା ଥାନା ଅନ୍ତର୍ଗତ ସିହୋପଡ଼ା ଗାଁର ଶ୍ରାବଣୀ ମଲିକଙ୍କ ପରିବାର ଆର୍ଥିକ ଅନଟନରେ ଗତି କରୁଛି। ଅର୍ଥ ଅଭାବରୁ ତାଙ୍କ ପାଠପଢାରେ ଡୋରି ବନ୍ଧା ହୋଇଥିବା ଖବର ଗତବର୍ଷ ଫେବୃଆରୀ ମାସରେ ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ଏହାପରେ କେନ୍ଦ୍ରାପଡ଼ା ଜିଲା ଶିଶୁ ମଙ୍ଗଳ ସମିତି (ସିଡବ୍ଲ୍ୟୁସି) କର୍ତ୍ତୃପକ୍ଷ ଶ୍ରାବଣୀଙ୍କ ନୁଆଁଣିଆ ଭଙ୍ଗା ଚାଳଛପର ଘରେ ପହଞ୍ଚିଥିଲେ । ତାଙ୍କ ମା' ଝୁମୁରୀ ମଲିକ ମୂଲଲାଗି ପୁଅ ଓ ଝିଅ ଉଭୟଙ୍କୁ ନେଇ ସଂସାର ଚଳାଉଥିବା କେନ୍ଦ୍ରାପଡ଼ା ସିଡବ୍ଲ୍ୟୁସି ଅଧ୍ୟକ୍ଷା ସ୍ୱାଗତିକା ପାତ୍ର, ସଭ୍ୟା ସାଧନା ନାୟକ, ଲଳିତ ସାହୁ, ବାସନ୍ତୀ ବେହେରା, ଆନ୍ତର୍ଜାତୀୟ ମାନବ ଅଧିକାର ଫେଡେରେଶନର ଜିଲା କାର୍ଯ୍ୟନିର୍ବାହୀ ସଦସ୍ୟ ନଳିନୀକାନ୍ତ ପୃଷ୍ଟି, ସ୍ଥାନୀୟ ଆଶା କର୍ମୀ ଓ ଅଙ୍ଗନୱାଡି କର୍ମୀ ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରିଥବଲେ। ଆନ୍ତର୍ଜାତୀୟ ମାନବ ଅଧିକାର ଫେଡେରେଶନର ଜିଲା କାର୍ଯ୍ୟନିର୍ବାହୀ ସଦସ୍ୟ ପୃଷ୍ଟି ସେହିଦିନ ଶ୍ରାବଣୀଙ୍କ ପାଠପଢା ପାଇଁ ବହି ଖାତା ଓ ଅନ୍ୟାନ୍ୟ ପାଠ୍ୟ ଉପକରଣ ଯୋଗାଇ ଦେଇଥିଲେ।

ସିଡବ୍ଲ୍ୟୁସି ଅଧିକାରୀଙ୍କ ରିପୋର୍ଟ ଆଧାରରେ ରାଜ୍ୟ ସରକାରଙ୍କ ବ୍ୟକ୍ତିଗତ ଅର୍ଥ ପରିଚାଳନା ପାଣ୍ଠି (ପିଏମ୍‌ଏଫ୍‌ଏସ) ଯୋଜନାରେ ଗତ ଗୁରୁବାର ଶ୍ରାବଣୀଙ୍କ ପାଠପଢା ଖର୍ଚ୍ଚ ବାବଦକୁ ତାଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଅଗଷ୍ଟ ମାସକୁ ଲଗାଇ ୩ମାସର ୧୨ ହଜାର ଟଙ୍କା ପଠାଯାଇଛି। ଶ୍ରାବଣୀଙ୍କୁ ଏବେ ୧୪ ବର୍ଷ। ତାଙ୍କୁ ୧୮ ବର୍ଷ ବୟସ ହେବା ଯାଏ ପାଠପଢ଼ା ଖର୍ଚ୍ଚ ବାବଦକୁ ମାସିକ ୪ ହଜାର ଅର୍ଥ ସହାୟତା ମିଳିବ ବୋଲି ସିଡବ୍ଲ୍ୟୁସି ପକ୍ଷରୁ ସୂଚନା ମିଳିଛି । ଏହାବାଦ୍ ଆସନ୍ତା ଶନିବାର ଦିନ କେନ୍ଦ୍ରାପଡ଼ା ଜିଲାପାଳ ଏହି ଅସହାୟ ପରିବାରକୁ ଜିଲା ଶିଶୁ ମଙ୍ଗଳ ସମିତି କାର୍ଯ୍ୟାଳୟରେ ଭେଟିବାର କାର୍ଯ୍ୟକ୍ରମ ରହିଛି। ଝୁମୁରୀଙ୍କ ପୁଅ ସମୀର(୭)ଙ୍କୁ ମଧ୍ୟ ଆଗାମୀ ଦିନରେ ସିଡବ୍ଲ୍ୟୁସି ପକ୍ଷରୁ ଆର୍ଥିକ ସହାୟତା ମିଳିବାକୁ ଦାବି କରାଯାଇଛି।

ସୂଚନାଯୋଗ୍ୟ ଝୁମୁରୀଙ୍କ ସ୍ୱାମୀଙ୍କ କିଛି ବର୍ଷ ତଳେ ପରଲୋକ ଘଟିଥିଲା। ଏହାପରେ ଝୁମୁରୀ ପର ଘରେ ମୂଲ ଲାଗି ନିଜ ପରିବାରକୁ ଚଳାଉ ଆସୁଛନ୍ତି।

# ଆଳି ମଣ୍ଡଳସ୍ତରୀୟ ବିଜ୍ଞାନ ମେଳାରେ ୧୪୦ରୁ ଊର୍ଦ୍ଧ୍ୱ ପ୍ରକଳ୍ପ

**ଆଳି, ୨୯।୧୧ ( ବନମାଳୀ ସେନାପତି)**


ବିଜ୍ଞାନମେଳାରେ ଉପସ୍ଥିତ ଅତିଥିମାନେ।

ଆଳି ମଣ୍ଡଳସ୍ତରୀୟ ବିଜ୍ଞାନମେଳା ଓ ବାଲ ବିଜ୍ଞାନ ପ୍ରଦର୍ଶନୀରେ ଚଳିତ ବର୍ଷ ୧୪୦ରୁ ଉର୍ଦ୍ଧ୍ୱ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶିତ ହୋଇଛି। ନିଆଳ ପଞ୍ଚାୟତ ଅନ୍ତର୍ଗତ ରାମେଶ୍ୱର ନିଆଳ ଗ୍ରାମ ପଞ୍ଚାୟତ ହାଇସ୍କୁଲ ପରିସରରେ ଶୁକ୍ରବାର ଆୟୋଜିତ ଏହି କାର୍ଯ୍ୟକ୍ରମ ପୂର୍ବାହ୍ନରେ ଉଦଘାଟିତ ହୋଇ ଅପରାହ୍ନରେ ଉଦ୍‌ଯାପିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ତ୍ରିଲୋଚନ କରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଆଳି ମଣ୍ଡଳ ଶିକ୍ଷା ଅଧିକାରୀ ନଳିନ ରଞ୍ଜନ ରାଉତରାୟ, ମୁଖ୍ୟବକ୍ତା କେନ୍ଦ୍ରାପଡ଼ା ଜଜାଙ୍ଗ କୃଷି ଗବେଷଣା କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡା. ଅରବିନ୍ଦ ଦାସ, ସମ୍ମାନିତ ଅତିଥି ମଣ୍ଡଳ ସାଧନ କେନ୍ଦ୍ର ସଂଯୋଜକ ଉଦକର ସାମଲ, ଜ୍ୟୋତିପୁଷ୍ପା ମହାନ୍ତି, ମଣ୍ଡଳ ବିଜ୍ଞାନ ସମିତି ସଭାପତି ବିରଞ୍ଚି ନାରାୟଣ ମହାପାତ୍ର, ସମ୍ପାଦକ ଶୁଭ୍ରକାନ୍ତ ମିଶ୍ର, ଓଷ୍ଟାର ଆଳି ସଭାପତି ସୁଶାନ୍ତ କୁମାର କର, ନିଆଳ ପଞ୍ଚାୟତ ସରପଞ୍ଚ ଅଶୋକ କୁମାର ମଲିକ, ସମିତି ସଭ୍ୟ ସନ୍ତୋଷ କୁମାର ପଡିହାରୀ, ପ୍ରାଥମିକ ଶିକ୍ଷକ ସଂଘ ସଭାପତି ସୁକାନ୍ତ କୁମାର ଲେଙ୍କା, ବଳଭଦ୍ର ପୁର ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ପ୍ରକାଶ କୁମାର ପାତ୍ର ଯୋଗଦେଇ କୁନି ବୈଜ୍ଞାନିକମାନଙ୍କୁ ଉଦବୋଧନ ଦେଇଥିଲେ। ଉଦଘାଟନ ପରେ ପ୍ରକଳ୍ପ ପ୍ରଦର୍ଶନ ଆରମ୍ଭ ହୋଇଥିଲା।

ପ୍ରକଳ୍ପ ଗୁଡ଼ିକ ମଧ୍ୟରୁ ଫୁଡ ହେଲ୍ଥ ଆଣ୍ଡ ହାଇଜିନ ସବଥିମରେ ନରେନ୍ଦ୍ରପୁର ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ନର୍ମଦା ଜେନା, ଟ୍ରାନ୍ସପୋର୍ଟ ଆଣ୍ଡ କମ୍ୟୁନିକେଶନ ପାଇଁ ମାଣିକ ପାଟଣା ପି ଏସ ଆର ବିଦ୍ୟାପୀଠ ର ସୁଭଦ୍ରା ତରାଇ, ନାଚୁରାଲ ଫାରମିଗ ପାଇଁ ଗୋଦାବରୀଶ ନୋଡାଲ ଉଚ୍ଚ ବିଦ୍ୟାପୀଠର ନିର୍ମଳ କୁମାର ସେଠୀ,ଆରଥକ୍ୱାକ ଆଲାରାମ ପାଇଁ ମାଳପାଟଣା ୟୁଜିୟୁପିର ଶ୍ରଦ୍ଧା ମାନିକ, ମାଥମେଟିକାଲ ମଡେଲିଗ ପାଇଁ ହିଞ୍ଚୋଳର ଗୋପବନ୍ଧୁ ନୋଡାଲ ହାଇସ୍କୁଲ ର ପ୍ରତୀକ୍ଷା ଜେନା,ଓଏଷ୍ଟ ମ୍ୟାନେଜମେଣ୍ଟ ପାଇଁ ଚଣ୍ଡିଆଗଡି ନୋଡାଲ ହାଇସ୍କୁଲ ର ଆଦିତ୍ୟ ମହାନ୍ତି, ରିସୋର୍ସ ମ୍ୟାନେଜମେଣ୍ଟ ପାଇଁ ମାହାରକୁଳ ସାଧୁ ଚରଣ ହାଇସ୍କୁଲର ବିଶ୍ୱଜିତ ସେଠୀ ଜିଲାସ୍ତରୀୟ ବିଜ୍ଞାନମେଳାକୁ ଯିବାକୁ ମନୋନୀତ ହୋଇଛନ୍ତି। ଉଦଯାପନୀ ଉତ୍ସବରେ ଆଳି ବିଇଓ ନଳିନୀ ରଞ୍ଜନ ରାଉତରାୟ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଜିଲା ପରିଷଦ ସଭ୍ୟ ଭୀଷ୍ମ ମହାନ୍ତି, ସମ୍ମାନିତ ଅତିଥି ଜିଲା ବିଜ୍ଞାନ ପରିଦର୍ଶକ ନିଷିଦ୍ଧ କୁମାର ବାରିକ, ନୋଡାଲ ପ୍ରଧାନ ଶିକ୍ଷକ ଦେବରାଜ ନାୟକ, ପ୍ରାଥମିକ ଶିକ୍ଷକ ସଂଘ ସମ୍ପାଦକ ରତିକାନ୍ତ ପାତ୍ର, ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଧୁଳେଶ୍ୱର ମହାନ୍ତି ଓ ସହକାରୀ ଶିକ୍ଷା ମଣ୍ଡଳ ଅଧିକାରୀ ଦ୍ୱୟ ଯୋଗଦେଇ କୃତି ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ସାଧନ କେନ୍ଦ୍ର ସଂଯୋଜକ ପ୍ରିୟବ୍ରତ ସଞ୍ଜୟ କୁମାର ସଭାର ସଂଯୋଜନା କରିଥିବା ବେଳେ ନରେନ୍ଦ୍ର ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ କ୍ରୀଡ଼ା

ଟିକିଟି, ୨୯।୧୧ (ପ୍ରକାଶ ଚନ୍ଦ୍ର ସାହୁ)

ଟିକିଟି ପେଣ୍ଠସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ କ୍ରୀଡା ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଛି। ଉଦ୍‌ଘାଟନ ଉତ୍ସବରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ କ୍ରୀଡା ଶିକ୍ଷକ ରାଧାଚରଣ ସାହୁ, ଅନ୍ୟତମ ଅତିଥି ଉପସଭାପତି ସନ୍ତୋଷ ସାହୁ, ସମ୍ପାଦକ କୃଷ୍ଣଚନ୍ଦ୍ର ସାହୁ, ସହ ସମ୍ପାଦକ କେ. ସୀମାଞ୍ଚଳ ଉପସ୍ଥିତ ରହି ପିଲାଙ୍କୁ ଉତ୍ସାହିତ କରିଥିଲେ। ଦୌଡ଼, ଡିଆଁ ଓ ଗୋଳାଫିଙ୍ଗାରେ ପ୍ରାକ୍ ଶିଶୁ, ଶିଶୁ, ବାଳ ଓ କିଶୋର ବିଭାଗ ସହ ଶିଶୁ ବାଟିକାର ବିଭିନ୍ନ ଖେଳରେ ୬୫୦ ଶିଶୁ ଅଂଶଗ୍ରହଣ କରିଥିଲେ।

### ଅବସରପ୍ରାପ୍ତ କର୍ମଚାରୀ ମହାସଂଘର ଦାବିପତ୍ର

ଛତ୍ରପୁର/ ପାତ୍ରପୁର, ୨୯।୧୧ (ସନ୍ତୋଷ ପାଢ଼ୀ/ଦିଲିପ ସାମଲ/ଉମା ଚରଣ ନେପାକ)

ଓଡ଼ିଶା ରାଜ୍ୟ ଅବସରପ୍ରାପ୍ତ କର୍ମଚାରୀ ମହାସଂଘର ଡାକରାରେ ଗଂଜାମ ଜିଲା ଶାଖା ପକ୍ଷରୁ ୯ ଦଫା ସମ୍ବଳିତ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଗଞ୍ଜାମ ଜିଲାପାଳଙ୍କୁ ପ୍ରଦାନ କରାଯାଇଛି । ଓଡ଼ିଶା ରାଜ୍ୟ ଅବସରପ୍ରାପ୍ତ କର୍ମଚାରୀମାନଙ୍କ ଦୀର୍ଘଦିନର କେନ୍ଦ୍ର ଅନୁରୂପ ଚିକିତ୍ସାଭତ୍ତା ଓ ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ସମେତ ବିଭିନ୍ନ ଦାବିଗୁଡ଼ିକ ପୂରଣ ପାଇଁ ଓଡ଼ିଶା ରାଜ୍ୟ ଅବସରପ୍ରାପ୍ତ କର୍ମଚାରୀ ମହାସଂଘ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ସୁଦ୍ଧା ସରକାର ଏଦିଗରେ କୌଣସି ପଦକ୍ଷେପ ନେଇନାହାନ୍ତି । ସେହିପରି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପାତ୍ରପୁର ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ୯ ଦଫା ସମ୍ବଳିତ ଦାବିପତ୍ର ଅବସରପ୍ରାପ୍ତ କର୍ମଚାରୀ ମହାସଂଘ ପକ୍ଷରୁ ପ୍ରଦାନ କରାଯାଇଛି। ଦାବିପତ୍ର ପ୍ରଦାନ ବେଳେ ସଭାପତି ଡି. ମୋହନ ରାଓ, ସମ୍ପାଦକ ଶଙ୍କର୍ଷଣ ପାତ୍ର, ବ୍ଲକ ଆବାହକ ଶଶାଙ୍କ ପ୍ରଧାନ, ପ୍ରଫୁଲ୍ଲ ପତି, ଡି. କାଳିଦାସ ଓ ସୀମାଞ୍ଚଳ ପଣ୍ଡାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ଚିକିତ୍ସା ଭତ୍ତା, ସ୍ୱାସ୍ଥ୍ୟସେବା ଅନ୍ୟ ରାଜ୍ୟରେ ଅବସରପ୍ରାପ୍ତ କର୍ମଚାରୀ ପାଉଥିବା ବେଳେ ଓଡ଼ିଶାରେ ଏହି ସୁବିଧା ମିଳୁନାହିଁ। ଏସବୁ ଲାଗୁ କରିବା, ୧୮ ମାସର ମହଙ୍ଗାଭତ୍ତା ପ୍ରଦାନ କରିବା, ବନ୍ଦଥିବା ବରିଷ୍ଠ ନାଗରିକଙ୍କୁ ରେଳଭଡ଼ା ରିହାତି ଦେବା, ସରକାରୀ ବସ୍‌ରେ ଭଡ଼ା ୫୦ ପ୍ରତିଶତ ରିହାତି ଓ ପେନ୍‌ସନ ସର୍ବନିମ୍ନ ୯ହଜାର କରିବା ଆଦି ଦାବି ରହିଛି।

### ନାବାଳିକାଙ୍କ ବିବାହ ରୋକିଲା ଶିଶୁ ସୁରକ୍ଷା ବିଭାଗ

ପୋଲସରା, ୨୯।୧୧ (ସୁବ୍ରତ ବେହେରା):

ପୋଲସରା ଥାନା ଅର୍ନ୍ତଗତ ବ୍ଲକ ଛକ ନିକଟ ମାତୃଶକ୍ତି କଲ୍ୟାଣ ମଣ୍ଡପରେ ଜଣେ ନାବାଳିକାଙ୍କ ବିବାହ ଚାଲିଥିବା ବେଳେ ଜିଲା ଶିଶୁ ସୁରକ୍ଷା ବିଭାଗ ତାହାକୁ ରୋକିଛି। ଜିଲା ଶିଶୁ ସୁରକ୍ଷା ବିଭାଗ ଅଧିକାରୀ ଡି. ନାଗୁରତ୍ନମ, ଦେବବ୍ରତ ମାହୁନ୍ତ, ପୋଲସରା ସମ୍ପନ୍ବିତ ଶିଶୁ ବିକାଶ ବିଭାଗ ଅଧିକାରୀ ତିଳୋତ୍ତମା ରାଉତ, ସୁପରଭାଇଜର ସଂଘମିତ୍ରା ମିଶ୍ର, ମୁକ୍ତା ଦେବୀ, ଅଙ୍ଗନୱାଡି କର୍ମୀ ସ୍ନିଗ୍ଧାରାଣୀ ଉକ୍ତ କଲ୍ୟାଣ ମଣ୍ଡପରେ ପହଞ୍ଚି ବିବାହ ବନ୍ଦ ରଖି ପଚରାଉଚରା କରିଥିଲେ। କନ୍ୟାଙ୍କ ବୟସ ୧୮ ବର୍ଷ ହୋଇ ନ ଥିବାରୁ ବିବାହକୁ ବନ୍ଦ କରିଥିଲେ। ଏହା ପରେ କନ୍ୟା ଓ ତାଙ୍କ ପରିବାର ସଦସ୍ୟଙ୍କୁ ନେଇ ଜିଲା ଶିଶୁ ସୁରକ୍ଷା ବିଭାଗ ବ୍ରହ୍ମପୁରକୁ ପଠାଯାଇଛି।

### ବିଜେଡିର ବନ୍ଧୁମିଳନ

ଗୁମ୍ମା, ୨୯।୧୧ (ପ୍ରବୀଣ କୁମାର ଲିମା)–

ଗୁମ୍ମା ବ୍ଲକ ସଦର ମହକୁମା ହାଟପଦାରେ ବ୍ଲକ ବିଜୁ ଜନତା ଦଳର ବନ୍ଧୁମିଳନ ଅନୁଷ୍ଠିତ ହୋଇଛି। ଏଥିରେ ପାରଳାଖେମୁଣ୍ଡି ବିଧାୟକ ଇଂ. ରୂପେଶ ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଉପସ୍ଥିତ ଥିଲେ। ବରିଷ୍ଠ ନେତା ଡ. ତିରୁପତି ପାଣିଗ୍ରାହୀ, ଜିଲା ବିଜେଡି ସଭାପତି ଜଗବନ୍ଧୁ ଦାସ, ଜିଲା ପରିଷଦ ଅଧ୍ୟକ୍ଷ ଜି. ତିରୁପତି ରାଓ, ପୂର୍ବତନ ବିଧାୟକ କେ. ସୂର୍ଯ୍ୟ ରାଓ, ଗୋଷାଣୀ ବ୍ଲକ ଅଧ୍ୟକ୍ଷ ଏନ୍ ବୀର ରାଜୁ, ରାଜ୍ୟ ସମ୍ପାଦକ ପ୍ରଦୀପ ନାୟକ, ପାରଳା ପୌର ଅଧ୍ୟକ୍ଷା ନିର୍ମଳା ସେଠୀ, ଗୁମ୍ମା ବ୍ଲକ ଅଧ୍ୟକ୍ଷା ସୁନେମି ମଣ୍ଡଳ, ଉପାଧ୍ୟକ୍ଷ ଶ୍ରୀନିବାସ ରାଓ, ଜେମସ ରାଇକା, ଲକ୍ଷ୍ମୀକାନ୍ତ ପରିଚ୍ଛା, ସୁଧି ରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରି ନିଜ ମତ ରଖିଥିଲେ। ବିଧାୟକ ପାଣିଗ୍ରାହୀ ଆଗାମୀ ଦିନରେ ଗୁମ୍ମା ବ୍ଲକ ବିଜେଡି ସଙ୍ଗଠନକୁ ସୁଦୃଢ଼ କରିବାକୁ ପରାମର୍ଶ ଦେଇଥିଲେ। ସରପଞ୍ଚ, ସମିତିସଭ୍ୟ, ୱାର୍ଡସଭ୍ୟ ଓ କର୍ମୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଗୁମ୍ମାର ପୂର୍ବତନ ୱାର୍ଡମେମ୍ବର ରୋହେଲ ପାଣି କଂଗ୍ରେସ ଛାଡ଼ି ବିଜେଡିରେ ଯୋଗ ଦେଇଥିଲେ।

# ଶୁଣାଣି ଶେଷ, ରାୟ ସଂରକ୍ଷିତ

## ଖଣ୍ଡପଡ଼ା ଏନ୍‌ଏସି ଅଧ୍ୟକ୍ଷାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ମାମଲା

କଟକ, ୨୯।୧୧ (କାର୍ତ୍ତିକ ସାହୁ)



ଖଣ୍ଡପଡ଼ା ଏନ୍‌ଏସି ଅଧ୍ୟକ୍ଷା ଆରତି ପ୍ରଧାନଙ୍କ ବିରୋଧରେ ଅଣାଯାଇଥିବା ଅନାସ୍ଥା ପ୍ରସ୍ତାବ ସଂକ୍ରାନ୍ତୀୟ ମାମଲାର ଶୁଣାଣି ଶୁକ୍ରବାର ହାଇକୋର୍ଟରେ ହୋଇଛି। ହାଇକୋର୍ଟ ବିଚାରପତି ରାଧାକୃଷ୍ଣ ପଟ୍ଟନାୟକ ମାମଲାର ପୂର୍ଣ୍ଣାଙ୍ଗ ଶୁଣାଣି କରି ରାୟ ସଂରକ୍ଷିତ ରଖିଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ଖଣ୍ଡପଡ଼ା ଏନ୍‌ଏସି ଅଧ୍ୟକ୍ଷା ଆରତି ପ୍ରଧାନଙ୍କ ବିରୋଧରେ ଗତ ଜୁଲାଇ ୧୯ ତାରିଖରେ ୯ ଜଣ କାଉନସିଲର ଅନାସ୍ଥା ପ୍ରସ୍ତାବ ପାଇଁ ରିଜୋଲ୍ୟୁଶନ ଆଣିଥିଲେ। ସେମାନେ ଅଗଷ୍ଟ ୧ ତାରିଖରେ ରିଜୋଲୁସନ ନକଲ ସହ ନୟାଗଡ଼ ଜିଲାପାଳଙ୍କୁ ରିକ୍ୟୁଜିସନ ପ୍ରଦାନ କରିଥିଲେ। ନିୟମାନୁସାରେ ୧୦ ଦିନ ମଧ୍ୟରେ ଜିଲାପାଳ ଅନାସ୍ଥା ପ୍ରସ୍ତାବ ପାଇଁ ଡାକିଲେ ନାହିଁ। ଫଳରେ ଉପାଧ୍ୟକ୍ଷଙ୍କ ସହ ୯ ଜଣ କାଉନସିଲର ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ମାମଲାର ଶୁଣାଣି କରି ହାଇକୋର୍ଟ ନୟାଗଡ଼ ଜିଲାପାଳଙ୍କୁ ସତ୍ୟପାଠ ଦାଖଲ କରିବାକୁ ଆଦେଶ ଦେଇଥିଲେ। ହାଇକୋର୍ଟଙ୍କ ଆଦେଶ ମୁତାବକ ଜିଲାପାଳ ତୁରନ୍ତ ନୋଟିସ ଜାରି କରି ହାଇକୋର୍ଟଙ୍କୁ ଅବଗତ କରାଇଥିଲେ। ନୋଟିସ ଜାରି ପରେ ସେପ୍ଟେମ୍ବର ୧୭ ତାରିଖରେ ଅନାସ୍ଥା ପ୍ରସ୍ତାବ ଆଗତ ନେଇ ପ୍ରସ୍ତୁତି ଚୂଡ଼ାନ୍ତ ହେଲା। ମାତ୍ର ତା ପୂର୍ବରୁ ସେପ୍ଟେମ୍ବର ୬ ତାରିଖରେ ଅଧ୍ୟକ୍ଷା ଆରତି ପ୍ରଧାନ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଅନାସ୍ଥା ପ୍ରସ୍ତାବ ନେଇ ନୋଟିସ, ରିଜୋଲ୍ୟୁଶନ ପାଇଥିବାବେଳେ ରିକ୍ୟୁଜିସନ ପାଇନାହାନ୍ତି ବୋଲି ହାଇକୋର୍ଟଙ୍କୁ ଜଣାଇଲେ। ଏହାପରେ ହାଇକୋର୍ଟ ଏକ ଆଦେଶ ଦେଇ ଅନାସ୍ଥା ପ୍ରସ୍ତାବ ଆଗତ ହେଉ, ମାତ୍ର କୋର୍ଟଙ୍କ ଅଗୋଚରରେ ଫଳ ପ୍ରକାଶ ପାଇବ ନାହିଁ ବୋଲି ସ୍ପଷ୍ଟ କରିଥିଲେ। ମାତ୍ର ୧୭ ତାରିଖରେ ଅନାସ୍ଥା ପ୍ରସ୍ତାବ ହୋଇପାରିଲା ନାହିଁ। କାରଣ ଏହାର ଦାୟିତ୍ୱରେ ଥିବା ପ୍ରିଜାଇଡିଂ ଅଧିକାରୀ ମୁଖ୍ୟମନ୍ତ୍ରୀଙ୍କ ଦପ୍ତରରୁ ଡକରା ପାଇ ଭୁବନେଶ୍ୱର ଯାଇଥିଲେ। ତେଣୁ ଜିଲାପାଳ ଆଉ ଏକ ନୋଟିସ ଇସ୍ୟୁ କରି ସେହି ମାସ ୨୭ ତାରିଖରେ ଅନାସ୍ଥା ପ୍ରସ୍ତାବ ଗ୍ରହଣ ପାଇଁ ସ୍ଥିର କଲେ। ସେଦିନ ଅନାସ୍ଥା ପ୍ରସ୍ତାବ ହେଲା। ୧୩ ଜଣ କାଉନସିଲରଙ୍କ ମଧ୍ୟରୁ ୧୦ ଜଣ ଯୋଗଦେଲେ। ଜଣକ ଭୋଟ ନାକଚ ହେଲା ଓ ଅବଶିଷ୍ଟ ୯ ଜଣ ଅଧ୍ୟକ୍ଷା ଆରତିଙ୍କ ବିପକ୍ଷରେ ଭୋଟ ହେଲେ। ଏହି ମାମଲାର ଶୁଣାଣି ଶୁକ୍ରବାର ହୋଇଛି। ଆଇନଜୀବୀ ତରଣୀକାନ୍ତ ବିଶ୍ୱାଳ, ହୃଦାନନ୍ଦ ମହାପାତ୍ର, ବରିଷ୍ଠ ଆଇନଜୀବୀ ସମୀର ମିଶ୍ର ମାମଲା ପରିଚାଳନା କରୁଥିଲେ।

## ବିଶ୍ୱଶାନ୍ତି ମହାଯଜ୍ଞ କଳସ ବିସର୍ଜନ



କର୍ମକର୍ତ୍ତାଙ୍କ ତତ୍ତ୍ୱାବଧାନରେ ଚାଲିଥିବା କଳସ ବିସର୍ଜନ ଶୋଭାଯାତ୍ରା।

ଭଞ୍ଜନଗର, ୨୯।୧୧ (ବାବୁଲା ପ୍ରଧାନ):

ଭଞ୍ଜନଗର ନିୟନ୍ତ୍ରିତ ବଜାର କମିଟି ପଡ଼ିଆରେ ଚାଲିଥିବା ୨୧ କୁଣ୍ଡୀୟ ବିଶ୍ୱଶାନ୍ତି ମହାଯଜ୍ଞ ଗତ ବୁଧବାର ଉଦଯାପିତ ହୋଇଯାଇଛି। ଶୁକ୍ରବାର କଳସ ବିସର୍ଜନ ହୋଇଥିଲା। ଶତାଧିକ ମହିଳା ଓ ପୁରୁଷ ଶୋଭାଯାତ୍ରାରେ ନଗର ପରିକ୍ରମା କରିଥିଲେ। ସେମାନଙ୍କ ସହ ସାଧୁ ସନ୍ଥମାନେ ଏକ ସ୍ୱତନ୍ତ୍ର ଗାଡିରେ ଯାଇଥିଲେ। ବରଙ୍ଗ ନାଳରେ କଳସ ବିସର୍ଜନ କରାଯାଇଥିଲା । ଏନଏସି ଅଧ୍ୟକ୍ଷ ଗୋପବନ୍ଧୁ ମହାପାତ୍ର, ପ୍ରମୋଦ ପାତ୍ର, ସୁବାସ ବରାଡ, ପ୍ରସନ୍ନ କୁମାର ନାୟକ, ପଦ୍ମ ଚରଣ ପ୍ରଧାନ, ଜର୍ଜ ନାୟକ, ସୁଧୀର ବେହେରା ପ୍ରମୁଖଙ୍କ ନେତୃତ୍ୱରେ ବିସର୍ଜନ ଶୋଭାଯାତ୍ରା ହୋଇଥିଲା। ସୂଚନା ଯୋଗ୍ୟ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଗସ୍ତ ଯୋଗୁ ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ଭୁବନେଶ୍ୱରରେ ବ୍ୟସ୍ତ ଥିବାରୁ ବିସର୍ଜନ କାର୍ଯ୍ୟକ୍ରମରେ ଅନୁପସ୍ଥିତ ଥିଲେ।

## ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନାରେ ସହାୟତା ରାଶି ବଣ୍ଟନ

ପାରଳାଖେମୁଣ୍ଡି, ୨୯।୧୧ (ଗିରିଧାରୀ ପରିଛା)



ଅତିଥି ହିତାଧିକାରୀଙ୍କୁ ସହାୟତା ରାଶି ପ୍ରଦାନ କରୁଛନ୍ତି।

ଜିଲା ଶ୍ରମ ବିଭାଗ ଓ ଜିଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଶୁକ୍ରବାର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଓଡ଼ିଶା କୋଠାବାଡ଼ି ଓ ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ସହାୟତା ରାଶି ବଣ୍ଟନ କରାଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଜିଲାପାଳ ବିଜୟ କୁମାର ଦାଶ ଯୋଗଦେଇ ଶ୍ରମିକମାନଙ୍କୁ ସହାୟତା ବଣ୍ଟନ କରିଥିଲେ। ଏହି ଯୋଜନାରେ ଜିଲାରେ ୩୭୪ ଜଣଙ୍କୁ ବିବାହ, ପ୍ରସୂତି, ମୃତ୍ୟୁକାଳୀନ ଓ ଅନ୍ତିମ ସଂସ୍କାର ଭଳି ବିଭିନ୍ନ ବର୍ଗରେ ସହାୟତା ରାଶି ବଣ୍ଟନ କରାଯାଇଛି। ଏହି ଅର୍ଥରାଶି ୧ କୋଟି ୬୩ ଲକ୍ଷ ୬ ହଜାର ୨୦୦ ଶହ ଟଙ୍କା ହିତାଧିକାରୀଙ୍କ ଆକାଉଣ୍ଟକୁ ପଠାଯାଇଛି। ଯାହା ମୃତ୍ୟୁକାଳୀନ ସହାୟତା ବାବଦକୁ ୯୨ ଲକ୍ଷ ଟଙ୍କା ୪୭ ଜଣଙ୍କୁ ପ୍ରଦାନ କରାଯାଇଥିବା ବେଳେ ଅନ୍ତ୍ୟେଷ୍ଟି କ୍ରିୟା ବାବଦରେ ସହାୟତା ରାଶି ୪୫ ଜଣଙ୍କୁ ୨ ଲକ୍ଷ ୨୫ ହଜାର ଟଙ୍କା ପ୍ରଦାନ କରାଯାଇଛି। ସେହିପରି ବିବାହକାଳୀନ ସହାୟତା ବାବଦକୁ ୫୦ ଜଣଙ୍କୁ ୨୫ ଲକ୍ଷ ଟଙ୍କା ସହାୟତା ପ୍ରଦାନ କରାଯାଇଛି। ପ୍ରସୂତି ସହାୟତା ବାବଦକୁ ୪୭ ଜଣଙ୍କୁ ୪ ଲକ୍ଷ ୭୦ ହଜାର ଟଙ୍କା ଓ ଶିକ୍ଷା ସହାୟତା ରାଶି ୧୨ ଲକ୍ଷ ୪୧ ହଜାର ୨୦୦ ଟଙ୍କା ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ଜିଲା ଶ୍ରମ ଅଧିକାରୀ ଭାରତୀ ବେହେରା, ସହକାରୀ ଶ୍ରମ ଅଧିକାରୀ ମଦନ ମୋହନ ଟୁଡୁଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ଦୁର୍ଘଟଣାରେ ମୃତ୍ୟୁ, କ୍ଷତିପୂରଣ ଦାବିରେ ରାସ୍ତାରୋକୋ

ଖଜୁରିପଡ଼ା, ୨୯।୧୧ (ବିଦୂର ବେହେରା):

ଖଜୁରିପଡ଼ା ବ୍ଲକ ସୁଡ୍ରୁକୁମ୍ପା ପଞ୍ଚାୟତ ବାଡ଼ିଗୁଡ଼ା ଗ୍ରାମର ପୂର୍ବତନ ସମିତି ସଭ୍ୟ ଭକ୍ତ ଚରଣ କହଁର ବୁଧବାର ସନ୍ଧ୍ୟାରେ ଫୁଲବାଣୀରୁ ବାଇକ୍‌ରେ ଫେରୁଥିବା ବେଳେ ସୁଡ୍ରୁକୁମ୍ପା ଗ୍ରାମରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ସୁଡ୍ରୁକୁମ୍ପାର ପ୍ରସନ୍ନ ସାହୁଙ୍କ ଘର ସମ୍ମୁଖରେ ଏହି ଦୁର୍ଘଟଣା ଘଟିଥିଲା। ଗୁରୁତର ଅବସ୍ଥାରେ ଭକ୍ତଙ୍କୁ ପ୍ରସନ୍ନ ପ୍ରଥମେ ଫୁଲବାଣୀ ମେଡିକାଲକୁ ନେଇ ନେଇଥିଲେ। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ଡାକ୍ତର ତାଙ୍କୁ ବ୍ରହ୍ମପୁର ବଡ ମେଡିକାଲ ନେବାକୁ କହିଥିଲେ। ଭକ୍ତଙ୍କୁ ଆମ୍ବୁଲାନ୍ସରେ ବଡ ମେଡିକାଲ ନେବାବେଳେ ରାସ୍ତାରେ ତାଙ୍କର ମୃତ୍ୟୁ ଘଟିଥିଲା। ଗ୍ରାମବାସୀ କ୍ଷତିପୂରଣ ଦାବି ନେଇ ଶୁକ୍ରବାର ବୌଦ୍ଧ–ଫୁଲବାଣୀକୁ ସଂଯୋଗ କରୁଥିବା ରାଜପଥକୁ ଅବରୋଧ କରିଥିଲେ। ଖବର ପାଇ ସଦର ଥାନା ଅଧିକାରୀ ସତିଶ ଚନ୍ଦ୍ର ନାୟକ ଓ କର୍ମଚାରୀ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ସନ୍ଧ୍ୟାରେ ରାସ୍ତା ଅବରୋଧ ହଟିଥିଲା। ଏ ନେଇ ଥାନାରେ ୨୩୦/୨୪ ମାମଲା ରୁଜୁ କରି ଘଟଣାର ତଦନ୍ତ ଚାଲିଥିବା ଏସ୍‌ଆଇ ସଞ୍ଜୟ ବିଷୋୟୀ ସୂଚନା ଦେଇଛନ୍ତି।

## ଜନପ୍ରତିନିଧିଙ୍କୁ ପୋଲସରା ବିଡିଓଙ୍କ ଅଣଦେଖା ଅଭିଯୋଗ

ଛତ୍ରପୁର, ୨୯।୧୧ (ସନ୍ତୋଷ ପାଢ଼ୀ)

ଛତ୍ରପୁରସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଶୁକ୍ରବାର ପୋଲସରା ବିଡିଓଙ୍କ ବିରୋଧରେ ଅଭିଯୋଗ କରିବାକୁ ନିର୍ବାଚିତ ପଞ୍ଚାୟତ ପ୍ରତିନିଧିମାନେ ଆସିଥିଲେ। ପଞ୍ଚାୟତ ସମିତି ଅଧ୍ୟକ୍ଷା, ଉପାଧ୍ୟକ୍ଷ, ଜିଲା ପରିଷଦ ସଭ୍ୟ, ସରପଞ୍ଚ, ସମିତିସଭ୍ୟାସଭ୍ୟଙ୍କୁ ପୋଲସରା ବିଡିଓ ଅଣଦେଖା କରୁଥିବା ସେମାନେ ପ୍ରଦତ୍ତ ଦାବିପତ୍ରରେ ଅଭିଯୋଗ କରିଛନ୍ତି। ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ଜନପ୍ରତିନିଧିମାନଙ୍କୁ ଅବଗତ ନ କରି ବିଡିଓ ତ୍ରିସ୍ତରୀୟ ପଞ୍ଚାୟତିରାଜ ନିୟମକୁ ଉଲ୍ଲଂଘନ କରି ଆସୁଛନ୍ତି । ତାଙ୍କର ମନମୁଖି କାର୍ଯ୍ୟ ଯୋଗୁ ଛଅ ମାସ ହେଲା ପୋଲସରା ପଞ୍ଚାୟତ ସମିତି ଅଞ୍ଚଳରେ କୌଣସି ଉନ୍ନୟନମୂଳକ କାର୍ଯ୍ୟ ହୋଇପାରୁନି। ଜନପ୍ରତିନିଧିମାନେ ଜନସାଧାରଣଙ୍କ ଆକ୍ରୋଶର ଶିକାର ହେଉଛନ୍ତି । ବିଡିଓ ପଞ୍ଚାୟତ ସମିତି ଅଧ୍ୟକ୍ଷାଙ୍କୁ ପ୍ରତ୍ୟେକ କ୍ଷେତ୍ରରେ ଅଣଦେଖା କରି ଆସୁଛନ୍ତି। ଏଥିପ୍ରତି ଜିଲାପାଳ ଦୃଷ୍ଟିଦେଇ ପଦକ୍ଷେପ ନେବାକୁ ପ୍ରତିନିଧିମାନେ ଦାବି କରିଛନ୍ତି।

## ଆଖୁଚାଷ ଲାଗି ଜଳସେଚନ ସମନ୍ୱୟ ବୈଠକ

ଆସିକା, ୨୯।୧୧ (ସୁରେନ୍ଦ୍ର ନାଥ ସାହୁ):



ବୈଠକରେ ମଞ୍ଚାସୀନ ଅତିଥି।

ଆଖୁଚାଷ ଲାଗି ପର୍ଯ୍ୟାପ୍ତ ଜଳର ବ୍ୟବସ୍ଥା ଅପରିହାର୍ଯ୍ୟ ହୋଇଥିବା ବେଳେ ଆସିକା ସମବାୟ ଚିନିଶିଳ୍ପ ପକ୍ଷରୁ ଶୁକ୍ରବାର ଜଳସେଚନ ନିମନ୍ତେ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଚିନିଶିଳ୍ପ ପରିଚାଳନା ପରଷଦର ସଭାପତି ରବୀନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଚିନିଶିଳ୍ପ ସଭାଗୃହରେ ଅନୁଷ୍ଠିତ ଏହି ବୈଠକରେ ପରିଚାଳନା ନିର୍ଦ୍ଦେଶକ ଡ. ସୁଶାନ୍ତ କୁମାର ପଣ୍ଡା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଚିନିଶିଳ୍ପ ପରିସର ଭୁକ୍ତ ଅଞ୍ଚଳରେ ହେଉଥିବା ଆଖୁ ଚାଷ ଲାଗି ଚାଷୀଙ୍କୁ ଆବଶ୍ୟକୀୟ ଜଳସେଚନ ବ୍ୟବସ୍ଥା ସୁନିଶ୍ଚିତ କରିବା ନିମନ୍ତେ ବୈଠକରେ ଆଲୋଚନା କରାଯାଇଥିଲା । ଜଳସେଚନ ଲାଗି ଜିଲାର ବିଭିନ୍ନ ଅଞ୍ଚଳରେ ରହିଥିବା ବୃହତ, ମଧ୍ୟମ ଓ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ସାଙ୍ଗକୁ ଅଗଭୀର ନଳକୂପ, ଗଭୀର ନଳକୂପ ଓ ଉଠାଜଳସେଚନ ପଏଣ୍ଟ ମାଧ୍ୟମରେ ଜଳଯୋଗାଣ ସମ୍ପର୍କରେ ଆଲୋଚନା ହୋଇଥିଲା । ଚଳିତବର୍ଷ ସୋରଡା, ଜାନିବିଲି, ଧନେଇ, ବାଘୁଆ, ଘୋଡାହାଡ, ହରଭଙ୍ଗି ଭଳି ବୃହତ, ମଧ୍ୟମ ଓ କ୍ଷୁଦ୍ର ଜଳସେଚନ ଯୋଜନା ଗୁଡିକରେ ଆବଶ୍ୟକୀୟ ଜଳ ସଞ୍ଚିତ ନଥିବାରୁ ଗଭୀର ଓ ଅଗଭୀର ନଳକୂପ ଓ ଉଠାଜଳସେଚନ ବ୍ୟବସ୍ଥା ଉପରେ ଅଧିକ ନିର୍ଭରଶୀଳ ହେବା ଲାଗି ଆଲୋଚନା କରାଯାଇଥିଲା । ସଂପ୍ରତି ଆଖୁଚାଷ ହେଉଥିବା ଅଞ୍ଚଳରେ ୧ହଜାର ୬ଶହ ୪୫ ଉଠାଜଳସେଚନ ପଏଣ୍ଟ ଓ ୩ ହଜାର ୨ଶହ ୯୩ ଗଭୀର ନଳକୂପ ରହିଥିଲା ବେଳେ ଗଭୀର ନଳକୂପ ଲାଗି ୬ହଜାର ୮ଶହ ଦରଖାସ୍ତ ଚାଷୀମାନେ କରିଥିବା ଜଣାପଡିଛି । ଏହାଛଡା ସୌରଶକ୍ତି ଚାଳିତ ଗଭୀର ନଳକୂପ ଲାଗି ମଧ୍ୟ ଜଳସେଚନ ବିଭାଗ ପକ୍ଷରୁ ବ୍ୟବସ୍ଥା କରାଯାଉଥିବା ଆଲୋଚନା ହୋଇଥିଲା । ବୈଠକରେ ଛତ୍ରପୁର କୃଷି ଜିଲା ଅଧିକାରୀ କୁଳମଣି ବାରିକ, ଭଞ୍ଜନଗର କୃଷି ଜିଲା ଅଧିକାରୀ ବ୍ୟୋମକେଶ ମିଶ୍ର, ଜଳବିଭାଜିକା ପ୍ରକଳ୍ପର ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଦୀପ କୁମାର ପଟ୍ଟନାୟକ, ଉଠାଜଳସେଚନର ଅଧିକ୍ଷଣ ଯନ୍ତ୍ରୀ ଶିବରାମ ପଣ୍ଡା, ଓଡିଶା କୃଷି ଶିଳ୍ପ ନିଗମର ଯନ୍ତ୍ରୀ ଗୁପ୍ତ ପ୍ରସାଦ ନାୟକ, କୃଷି ବିଭାଗ ନିର୍ବାହୀ ଯନ୍ତ୍ରୀ ସଂକର୍ଷଣ ମଲିକ, କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ସନ୍ତୋଷ କୁମାର ରାଉତରାୟଙ୍କ ସମେତ ଚିନିଶିଳ୍ପ ପରିଚାଳନା ପରିସଦର ସଦସ୍ୟମାନେ ଅଂଶଗ୍ରହଣ କରିଥିଲେ । କାରଖାନାର ଆଖୁ ପରିଚାଳକ ପ୍ରଶାନ୍ତ କୁମାର ପାଢୀ ଧନ୍ୟବାଦ ଦେଇଥିଲେ।

## ଜମିର କିସମ ପରିବର୍ତ୍ତନ ପାଇଁ ୩୦ ପରିବାରର ଦାବି

ଶେରଗଡ଼, ୨୯।୧୧ (ସୂର୍ଯ୍ୟ ନାରାୟଣ ଦାଶ)

ଦାଶେରଗଡ ପଞ୍ଚାୟତ ଅନ୍ତର୍ଗତ ହାଟବନ୍ଧ ହୁଡାରୁ ମହାତ୍ମା ଗାନ୍ଧୀ ଖେଳପଡିଆ ରାସ୍ତା ପାର୍ଶ୍ୱରେ ବହୁ ବର୍ଷ ହେଲା ୩୦ ପରିବାର ଘରଦ୍ୱାର କରି ବାସ କରୁଛନ୍ତି। ହେଲେ ସେମାନଙ୍କ ପାଖରେ କୌଣସି ପଟ୍ଟା ନାହିଁ କି ପ୍ରମାଣପତ୍ର ମଧ୍ୟ ନାହିଁ। ଏମାନଙ୍କ ପାଖରେ ରାଶନକାର୍ଡ ଅଛି। ଭୋଟ ପରିଚୟ ପତ୍ର, ଆଧାର କାର୍ଡ ରହିଛି। ମାତ୍ର ଏହି ବାସିନ୍ଦାଙ୍କୁ ଇନ୍ଦିରା ଆବାସ ଅବା ପ୍ରଧାନମନ୍ତ୍ରୀ ଆବାସ ମିଳୁନାହିଁ। ଏମାନେ ରହୁଥିବା ଘରର ପଟ୍ଟା ନ ଥିବାରୁ ଆବାସ ଯୋଜନାରେ ଏମାନଙ୍କୁ ସାମିଲ କରାଯାଉନାହିଁ। ଏନେଇ ଶୁକ୍ରବାର ସମ୍ପୃକ୍ତ ଅଧିବାସୀମାନେ ଏକାଠି ହୋଇ ତହସିଲଦାରଙ୍କୁ ଭେଟି ଦାବିପତ୍ର ଦେଇଥିଲେ। ସେମାନେ ଘର କରି ରହୁଥିବା ଜାଗାଗୁଡିକ ରାସ୍ତା କିସମରେ ରହିଛି। ଏହାର କିସମ ପରିବର୍ତ୍ତନ କରି ଆମକୁ ପଟ୍ଟା ଦେବାକୁ ୩୦ ପରିବାର ଦାବି କରିଛନ୍ତି।

## ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

### ୩୦୬ ପଞ୍ଜୀକୃତ, ୧୫୮ ଜଣଙ୍କୁ ପ୍ରମାଣପତ୍ର ବଣ୍ଟନ



ଦାରିଙ୍ଗବାଡ଼ି/ବ୍ରାହ୍ମଣୀଗାଁ, ୨୯।୧୧ (ଅରୁଣ ସାହୁ/ମନୋରଞ୍ଜନ ରଣା)

କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡ଼ି ବ୍ଲକ ବ୍ରାହ୍ମଣୀଗାଁ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସର ମଧ୍ୟରେ ଶୁକ୍ରବାର ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଦାରିଙ୍ଗବାଡ଼ି ବିଡ଼ିଓ ପ୍ରୀତିରଞ୍ଜନ ରଥ ଅଧ୍ୟକ୍ଷତା କରିଥିଲେ। ଏଥିରେ ମୋଟ ୩୦୬ଜଣ ପଞ୍ଜିକୃତ କରାଇ ନିଜ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ସେମାନଙ୍କ ମଧ୍ୟରୁ ୧୫୮ଜଣଙ୍କୁ ପ୍ରମାଣ ପତ୍ର ବଣ୍ଟନ କରାଯାଇଥିଲା। ଏହି ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀଙ୍କ ସମେତ ପି.ପଦ୍ମା ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ମମିତା କୁମାରୀ ପ୍ରଧାନ, ଜିଲ୍ଲା ହେଡକ୍ୱାଟର ସାମାଜିକ ସୁରକ୍ଷା ଅଧିକାରୀ ପ୍ରମୋଦ ବଡ଼ସେଟୋଷ୍ଟୀ ସମ୍ବଳ ଶିକ୍ଷକ ମାନସ କୁମାର ଷଡ଼ଙ୍ଗୀ, ଏପିଓ କେଦାର ଚନ୍ଦ୍ର ପଣ୍ଡା, ଗୋଷ୍ଠୀ ସାମାଜିକ ଅଧିକାରୀ କ୍ଷୀତିଶ ପ୍ରିୟଦର୍ଶୀ ସାହୁ, ପ୍ରୋଗ୍ରାମ ଆସିଷ୍ଟାଣ୍ଟ ବିକ୍ରମ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଡାକ୍ତର ଶ୍ରବଣ କୁମାର ସାହୁକାର, ଓର୍ଥୋପେଡିକ ସମେତ ଡାକ୍ତର ଅରବିନ୍ଦ ଦାସ, ଚକ୍ଷୁ ବିଶଷଜ୍ଞ ଡାକ୍ତର ସତ୍ୟବ୍ରତ ସାହୁ, ଶ୍ରବଣ ରୋଗ ବିଶେଷଜ୍ଞ, ଡାକ୍ତର ଉତ୍କଳ କେଶରୀ ବେହେରା, ମେଡିସିନ ସ୍ପେସିଆଲିଷ୍ଟ ଏବଂ ଦୋଳମଣୀ ପ୍ରଧାନ, ପେଡିଆଟ୍ରିକ୍‌ସ ପ୍ରମୁଖ ରୋଗୀଙ୍କୁ ପରୀକ୍ଷଣ କରିଥିଲେ।

## କମୁଛନ୍ତି ପର୍ଯ୍ୟଟକ ବଢୁଛି ପ୍ରଶାସନର ଚିନ୍ତା

ଦାରିଙ୍ଗବାଡ଼ି, ୨୯।୧୧ (ଅରୁଣ ସାହୁ)

- ଖାଁ ଖାଁ ହୋଟେଲ, ଲଜ୍: ଶୀତର ଲୁଚକାଳି
- ସର୍ବନିମ୍ନ ତାପମାତ୍ରା ବଢ଼ିଲା ୧୩. ୫ ଡିଗ୍ରୀ

ଶୀତ ଆସିଲେ ଯେଉଁଠି ପର୍ଯ୍ୟଟକଙ୍କ କୋଳାହଳ ଦେଖାଯାଏ ଚଳିତବର୍ଷ ତାହା ଖାଁ ଖାଁ ଲାଗୁଛି। କାରଣ ଶୀତର ଲୁଚକାଳି ସହ ପର୍ଯ୍ୟଟକ ଦାରିଙ୍ଗବାଡ଼ି ଭଳି ଅନ୍ୟ ପର୍ଯ୍ୟଟନ ସ୍ଥାନକୁ ଅଧିକା ଭ୍ରମଣ କରୁଛନ୍ତି। ସେହିପରି ପୂର୍ବରୁ ପର୍ଯ୍ୟଟକ ଦାରିଙ୍ଗବାଡ଼ିରେ ରାତ୍ରିଯାପନ କରିବାକୁ ପସନ୍ଦ କରୁଥିବା ବେଳେ ଏବେ ପର୍ଯ୍ୟଟକ ଗୋପାଳପୁର ସମୁଦ୍ର କୂଳରେ ରାତ୍ରିଯାପନ କରି ସକାଳେ ଦାରିଙ୍ଗବାଡ଼ି ବୁଲିବାକୁ ଆସି ଫେରିଯାଉଛନ୍ତି; ଯାହାକି ଅଞ୍ଚଳର ହୋଟେଲ, ଲଜ୍ ମାଲିକଙ୍କ ଚିନ୍ତା ବଢ଼ିଛି। ସେହିପରି ପ୍ରଶାସନ ପାଇଁ ମଧ୍ୟ ଚିନ୍ତା ବଢିଛି। ଦାରିଙ୍ଗବାଡ଼ି ପର୍ଯ୍ୟଟନକ୍ଷେତ୍ରର ବିକାଶ ପାଇଁ ଡେଭଲପ୍‌ମେଣ୍ଟ ଟ୍ରଷ୍ଟ ରହିଛି। ବାଲିଗୁଡ଼ା ଉପଜିଲାପାଳ ଡ. ରୀନା ପ୍ରଧାନ କହିଛନ୍ତି, ପର୍ଯ୍ୟଟକଙ୍କ ପାଦଶବ୍ଦ ଦାରିଙ୍ଗବାଡ଼ିରେ କମିବା ରିପୋର୍ଟକୁ ସେ ଚିନ୍ତାଜନକ ଭାବେ ଗ୍ରହଣ କରିବା ସହ କିଭଳି ପର୍ଯ୍ୟଟକ ବୁଲିବାକୁ ଆସିବେ ସେ ନେଇ ଚିନ୍ତା ପ୍ରକଟ କରିଛନ୍ତି। ହୋଟେଲ ମାଲିକ ଜିତେନ୍ଦ୍ର ସାହୁ କହିଛନ୍ତି, ପ୍ରତିବର୍ଷ ୧୦ ପ୍ରତିଶତ ଲେଖାଏଁ ପର୍ଯ୍ୟଟକଙ୍କ ସଂଖ୍ୟା କମି କମି ଯାଉଛି। ଡିସେମ୍ବର ଶୀତ ଛୁଟି ଓ ନୂଆ ବର୍ଷ ପାଇଁ ହାତ ଗଣତି କିଛିଦିନ ହୋଟେଲ, ଲଜ୍‌ଗୁଡ଼ିକ ବୁକିଂ ହୋଇଛି। ବଳକା ଦିନଗୁଡ଼ିକ ଏବେ ବହୁତ କମ ବୁକିଂ ରହୁଛି ବୋଲି ସେ କହିଛନ୍ତି।

# ମତ୍ସ୍ୟ, ପ୍ରାଣୀ ପାଳନ ଉପରେ ଗୁରୁତ୍ୱ

ଫୁଲବାଣୀ, ୨୯।୧୧ (ରାକେଶ କୁମାର ରାଉତ)

**ଜିଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା**




ଫୁଲବାଣୀ କରୋନେସନ ପଡିଆରେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗ ପକ୍ଷରୁ ଦୁଇଦିନିଆ ଜିଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ମୁଖ୍ୟ ଅତିଥି ରୂପେ କନ୍ଧମାଳ ଜିଲାପାଳ ଅମ୍ରିତ୍ ଋତୁରାଜ ଯୋଗଦେଇ ମତ୍ସ୍ୟ ଓ ପ୍ରାଣୀ ସମ୍ପଦର ଉପଯୋଗ କରି ଚାଷୀମାନେ ଲାଭବାନ ହେବାକୁ ପରାମର୍ଶ ଦେଇଥିଲେ। ଜିଲାର ଗରିବରୁ ଅତି ଗରିବ ପରିବାରକୁ ୧୦ ହଜାର କୁକୁଡା ଚିଆଁ ବଣ୍ଟନ କରାଯିବ ବୋଲି ଜିଲାପାଳ କହିଥିଲେ। ଜିଲାରେ ପଞ୍ଚାୟତ ସ୍ତରରେ ଛେଳି ଚାଷ ପାଇଁ ଆଗ୍ରହୀ ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ୩୦ଟି ଛେଳି ଓ ଦୁଇଟି ବୋଦା ଯୋଗାଇ ଦିଆଯିବାକୁ ସ୍ଥିର କରାଯାଇଛି। ଏଥିପାଇଁ ଏଯାଏ ୫ଶହ ଗୋଷ୍ଠୀ ଆବେଦନ କରିଛନ୍ତି। ଦେଶୀ କୁକୁଡା ପ୍ରତି ଥିବା ଚାହିଦାକୁ ଦୃଷ୍ଟିରେ ରଖି ନୂଆବର୍ଷରୁ ଆମ ଜିଲାରେ ଦିନିକିଆ କୁକୁଡା ଚିଆଁ ବାହାରିବା ପାଇଁ ଦୁଇଟା ହାଚେରି କାର୍ଯ୍ୟକ୍ଷମ ହେବ। ଚଳିତ ବର୍ଷ ମତ୍ସ୍ୟ ଚାଷ ପାଇଁ ୮୦ରୁ ୯୦ଟି ପୋଖରୀକୁ ଚିହ୍ନଟ କରାଯାଇଛି। ଆଗାମୀ ଦିନରେ ଜିଲାର ସବୁ ପୋଖରୀଗୁଡିକୁ ସ୍ୱୟଂ ସହାୟିକା ଗୋଷ୍ଠୀମାନଙ୍କୁ ପ୍ରଦାନ କରାଯିବ। ମଧୁର ଜଳରେ ଚିଙ୍ଗୁଡି ଚାଷ ପାଇଁ ମଧ୍ୟ ବ୍ୟବସ୍ଥା କରାଯିବ । ଚାଷୀମାନେ ବିଭିନ୍ନ ଯୋଜନା ଓ ତା'ର ସବସିଡି ସମ୍ପର୍କରେ ଏଠାରେ ଉପସ୍ଥିତ ଥିବା ବିଶେଷଜ୍ଞଙ୍କ ସହିତ ଯୋଗାଯୋଗ କରିପାରିବେ ବୋଲି ଜିଲାପାଳ କହିଥିଲେ । ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲାପାଳ ଅଶୋକ ଭୋଇ ଗୋପାଳନ ଓ ମତ୍ସ୍ୟ ଚାଷ ବୃଦ୍ଧି କରିବାକୁ ଚାଷୀଙ୍କୁ ପରାମର୍ଶ ଦେଇଥିଲେ। ଜଳଛାୟା ବିଭାଗ ପ୍ରକଳ୍ପ ନିର୍ଦ୍ଦେଶକ ପ୍ରସନ୍ନ ପାତ୍ର କୃଷି, ଉଦ୍ୟାନ କୃଷି, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ, ଜଳଛାୟା ଏବଂ ମୃର୍ତ୍ତିକା ସଂରକ୍ଷଣ ବିଭାଗର ସହଯୋଗରେ ଚାଷୀମାନେ କିପରି ଉପକୃତ ହେବେ ବୁଝାଇଥିଲେ। କଫି ପ୍ଲାଣ୍ଟେସନ ଓ ଫାର୍ମ ପଣ୍ଡ ପ୍ରକଳ୍ପର ଫାଇଦା ନେବାକୁ କହିଥିଲେ। କୃଷି ବିଭାଗ ନିର୍ବାହୀ ଯନ୍ତ୍ରୀ ନରେନ୍ଦ୍ର ପାଣିଗ୍ରାହୀ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ଉପରେ ଆଲୋଚନା କରିଥିଲେ। ମେଳାରେ ପ୍ରାଣୀ ସମ୍ପଦ ବିଭାଗର ୧୬ଟି ପ୍ରକଳ୍ପ ଓ ମତ୍ସ୍ୟ ସମ୍ପଦ ବିଭାଗର ୧୬ଟି ପ୍ରକଳ୍ପ ସାମିଲ ହୋଇଥିବା ସେ ସୂଚନା ଦେଇଥିଲେ। ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ସଞ୍ଜୀବ ପଟେଲ ସ୍ୱାଗତ ସୂଚନା ଓ ଜିଲା ମତ୍ସ୍ୟସମ୍ପଦ ଅଧିକାରୀ ପ୍ରଫୁଲ୍ଲ କହଁର ଧନ୍ୟବାଦ ଦେଇଥିଲେ। ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ଅଳକା ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କେତେଜଣ ଚାଷୀଙ୍କୁ ଏହି ଅବସରରେ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ।

